

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୨୭ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 27 JULY 2022
Vol.No. 35 ■ No. 195 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




## ସଂସଦରେ ହଙ୍ଗାମା, ରାଜ୍ୟସଭାରୁ ୧୯ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ, ୨୬/୦୭ : ସଂସଦର ମୌସୁମୀ ଅଧିବେଶନରେ ଜୋରଦାର ହଙ୍ଗାମା। ଦରଦାମ ବୃଦ୍ଧି, ଜିଏସ୍‌ଟି ଏବଂ ତଦନ୍ତ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ହଙ୍ଗାମା ଜାରି ରହିଛି। ଆଜି ବି କିଛି ସାଂସଦ ଆଲୋଚନା ଚାଲିଥିବା ବେଳେ ଗୃହର ମଧ୍ୟ ଭାଗକୁ ଆସି ସ୍ଲୋଗାନ ଦେବା ସହ ହୋହାଲ୍ଲା କରୁଥିଲେ। ଏଥିଯୋଗୁ ରାଜ୍ୟସଭାର ୧୯ ଜଣ ସାଂସଦଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ହୋଇଥିବା ସାଂସଦଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ ସାଂସଦ ସୁସ୍ମିତା ଦେବ, ଡକ୍ଟର ଶାନ୍ତନୁ ସେନ୍, ଡୋଲା ସେନ୍, ମୂରଲିଧରନ୍, ଅବିର ବିଶ୍ୱାସ, ମୌସମ ନୁର୍,




ଶାନ୍ତା ଛେତ୍ରୀ, ମହମ୍ମଦ ଅବଦୁଲ୍ଲା, କାନିମୋଝି, ଏଲ୍ ଯାଦବ, ଭି.ଶିବଦସନ୍ ସମେତ ଅନ୍ୟାନ୍ୟ ସାଂସଦ ଅଛନ୍ତି। ଏମାନଙ୍କୁ ଏକ ସପ୍ତାହ ପାଇଁ ନିଲମ୍ବିତ କରିଛନ୍ତି ଉପ-ବାଚସ୍ପତି। ଉଲ୍ଲେଖନୀୟ କଥା ହେଉଛି, ଲୋକସଭାରେ ହଙ୍ଗାମା କରିବାକୁ ନେଇ ସମଗ୍ର ଅଧିବେଶନ ପାଇଁ ବାଚସ୍ପତି ଓମ ବିର୍ଲା କଂଗ୍ରେସର ଚାରି ଜଣ ସଦସ୍ୟଙ୍କୁ ନିଲମ୍ବନ କରିବାର ଗୋଟିଏ ଦିନ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଂସଦର ପ୍ରଶ୍ନୋତ୍ତର କାର୍ଯ୍ୟରେ ବାଧା ସୃଷ୍ଟି କରିଥିବାରୁ ଧାରା ୨୫୬ ଅଧିନରେ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି । ଲୋକସଭାରେ ହୋହଲ୍ଲା କରିବା ଓ ସଂସଦ କାର୍ଯ୍ୟରେ ବାଧା ପହଞ୍ଚାଇବା ଅଭିଯୋଗରେ କଂଗ୍ରେସ ସାଂସଦ ଜ୍ୟୋତିମଣି, ମାଣିକମ୍ ଟାଗୋର, ଟିଏନ୍ ପ୍ରଥାପନ୍ ଏବଂ ରାମ୍ୟା ହରିଦାସଙ୍କୁ ସୋମବାର ନିଲମ୍ବିତ କରାଯାଇଥିଲା। ଗୃହ କାର୍ଯ୍ୟ ଚାଲିଥିବା ବେଳେ ଲଗାତର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ବିରୋଧୀ ଦଳ। ଏଥିପାଇଁ ସଂସଦର ମୌସୁମୀ ଅଧିବେଶନ ଠିକ୍ ଭାବେ ଚାଲି ପାରୁନଥିବା ସରକାର ତରଫରୁ ଅଭିଯୋଗ ହୋଇଛି। ସେପଟେ କିନ୍ତୁ ବିରୋଧୀ ଏହାକୁ ଖଣ୍ଡନ କରିଛନ୍ତି। ବିରୋଧୀ ଦଳ କହୁଛନ୍ତି, ସରକାର ଏହି ପ୍ରସଙ୍ଗରେ ଆଲୋଚନାରୁ ଦୂରେଇ ରହିବାକୁ ଷଡଯନ୍ତ୍ର କରୁଛନ୍ତି।

## ଦ୍ୱିତୀୟଥର ସୋନିଆଙ୍କୁ ଜେରା କଲା ଇଡି

ନୂଆଦିଲ୍ଲୀ, ୨୬/୦୭ : କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଜେରା । ନ୍ୟାସନାଲ ହେରାଲ୍ଡ ଖବରକାଗଜ ଦୁର୍ନୀତି ମାମଲାରେ ଆଜି ଦ୍ୱିତୀୟ ଥର ପାଇଁ ଇଡି ଜେରାର ସାମ୍ନା କରିଛନ୍ତି ସୋନିଆ । ଆଜି ସକାଳେ ପ୍ରଥମେ ୩ ଘଂଟା ସୋନିଆ ଗାନ୍ଧୀଙ୍କୁ ଇଡି ଜେରା କରିଥିଲା । ପରେ ଅପରାହ୍ନ ୩ଟା ୩୦ ପରେ ଜେରା କରୁଛି । ଏହା ପୂର୍ବରୁ ଜୁଲାଇ ୨୧ରେ ସୋନିଆ ଗାନ୍ଧୀଙ୍କୁ ଇଡି ଦୁଇ ଘଂଟା ଜେରା କରିଥିଲା। ଏହି ସମୟରେ ସୋନିଆଙ୍କର ୨୮ଟି ପ୍ରଶ୍ନର ଜବାବ ରଖିଥିଲେ ବୋଲି ସୂଚନା ରହିଛି । ଇଡି ସୋନିଆଙ୍କୁ ଜେରା କରିବା ରାଜନୈତିକ ପ୍ରତିଶୋଧ ବୋଲି ବିଜେପି କହିଛି । ଜେରାକୁ ବିରୋଧ କରି ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ କଂଗ୍ରେସ ବିକ୍ଷୋଭ କରିଛି । ଦିଲ୍ଲୀରେ ବିକ୍ଷୋଭ ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅନ୍ୟାନ୍ୟ ନେତାଙ୍କୁ ପୋଲିସ ଅଟକ ରଖିଥିଲା । ଏହି



ବିକ୍ଷୋଭରେ କଂଗ୍ରେସର ୫୦ ସାଂସଦ ସାମିଲ ହୋଇଥିବା ସୂଚନା ରହିଛି । ପୂର୍ବରୁ ଏହି ମାମଲାରେ ରାହୁଲ ଗାନ୍ଧୀଙ୍କୁ ଇଡି ଜେରା କରିବା ବେଳେ କଂଗ୍ରେସ ସମାନ ଧରଣର ବିକ୍ଷୋଭ କରିଥିଲା । ଏପଟେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡିର ନୋଟିସକୁ କଂଗ୍ରେସର ପ୍ରତିବାଦ । ରାଜ୍ୟ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରି ସତ୍ୟାଗ୍ରହ କରାଯାଇଛି । କଂଗ୍ରେସ ଭବନ ସମ୍ମୁଖରେ ସତ୍ୟାଗ୍ରହରେ ବସିଛନ୍ତି ନେତା ଓ କର୍ମୀ । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧକ୍ଷତାରେ ବହୁ ବରିଷ୍ଠ ନେତା ଓ ବିଧାୟକ ଏହି ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ଶାସନ ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ଇଡିକୁ ବିଜେପି ବ୍ୟବହାର କରୁଥିବା ଅଭିଯୋଗ କରିଛି କଂଗ୍ରେସ । ଆଗକୁ ଏହାର କଡ଼ା ପ୍ରତିବାଦ କରାଯିବ ବୋଲି କଂଗ୍ରେସ କହିଛି । କଂଗ୍ରେସ କିମ୍ବା ସୋନିଆ ଗାନ୍ଧୀ କେବେ ଡ଼ରିବେ ନାହିଁ କି ପଛକୁ ହଟିବେ ନାହିଁ ବୋଲି କହିଛି ଦଳ ।

## ପ୍ରକୃତି ମିଶ୍ରଙ୍କୁ ପୋଲିସ୍‌ର ପଚରାଉଚରା



ଭୁବନେଶ୍ୱର, ୨୬/୦୭ (ନି.ପ୍ର): ବାବୁସାନ୍ -ପ୍ରକୃତି- ତୃପ୍ତି ବିବାଦ ମାମଲାରେ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କୁ ଜେରା କରିଛି ଖାରବେଳନଗର ପୋଲିସ୍। ଘଟଣାର ୩ ଦିନ ପରେ ପ୍ରକୃତି ଚେନ୍ନାଇରୁ ଫେରିଥିବା ବେଳେ ପୋଲିସ୍ ତାଙ୍କୁ ପଚରାଉଚରା କରିଛି। ଖାରବେଳନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀ ମଙ୍ଗଳବାର ସତ୍ୟବିହାରସ୍ଥିତ ପ୍ରକୃତିଙ୍କ ଘରେ ପହଂଚିଥିଲେ। ବାବୁସାନଙ୍କ ପତ୍ନୀ ତୃପ୍ତିଙ୍କ ଲିଖିତ ଅଭିଯୋଗ ଆଧାରରେ ବାପା ମାଙ୍କ ଉପସ୍ଥିତିରେ ପ୍ରାୟ ଘଂଟାଏ କାଳ ପ୍ରକୃତିଙ୍କୁ ପଚରାଉଚରା କରିଥିଲା ପୋଲିସ୍। ପ୍ରକୃତିଙ୍କ ପିତା ମନ୍ମଥ ମିଶ୍ର କହିଛନ୍ତି ପୋଲିସ ଆମ ଉପସ୍ଥିତିରେ ପ୍ରକୃତିକୁ ପଚରାଉଚରା କରିଛି। ଯାହା ଉତର ଦେବା କଥା ପ୍ରକୃତି ଦେଇ ସାରିଛି। ମୁଁ ଆଇନ ଉପରେ ସବୁ ଛାଡ଼ି ଦେଇଛି। ଆମେ ଚେନ୍ନାଇରେ ବାବୁସାନ୍‌ଙ୍କୁ ଭେଟିଥିଲୁ। ମୁଁ ଚାହୁଁଛି ବାବୁ ତାଙ୍କ ପରିବାର ପାଖକୁ ଫେରି ସୁଖର ସଂସାର କରନ୍ତୁମୋ ଝିଅ ପ୍ରକୃତି ତା' ପରିବାର ସହ ଅଛି। ସେ ମାନସିକ ସ୍ତରରେ ଶାନ୍ତିରେ ଅଛି। ପ୍ରକୃତିଙ୍କ ସମେତ ପୋଲିସ୍ ଏହି ଘଟଣାରେ ସମୁଦାୟ ୮ ଜଣଙ୍କୁ ପଚରାଉଚରା କରିସାରିଥିବା ବେଳେ ବାବୁଶାନ କେବେ ଫେରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ୨୮ରୁ ବଢିବ ବର୍ଷା

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ମୌସୁମୀ ଟ୍ରଫ୍ ଲାଇନ୍ ପ୍ରଭାବରେ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି। ତେବେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକ ବର୍ଷା ହେବାର ସମ୍ଭାବନା ନାହିଁ। ଏହାପରେ ୨୮ ତାରିଖରୁ ବର୍ଷା ବଢିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଦେଶରେ ଆରମ୍ଭ ହେଲା ୫ଜି ସ୍ପେକ୍ଟ୍ରମ ନିଲାମ

ନୂଆଦିଲ୍ଲୀ, ୨୬/୦୭ : ଆରମ୍ଭ ହୋଇଛି ୫ଜି ସ୍ପେକ୍ଟ୍ରମର ନିଲାମି । ଆଉ ଏହି ନିଲାମି ପ୍ରକ୍ରିୟାରେ ମୁହାଁମୁହିଁ ହୋଇଛନ୍ତି ଦେଶର ଦୁଇ ଶିଳ୍ପପତି ମୁକେଶ ଅମ୍ବାନୀ ଏବଂ ଗୌତମ ଅଦନୀ । ଅମ୍ବାନୀ ନେତୃତ୍ୱାଧୀନ ରିଲାଏନ୍ସ ଜିଓ ଟେଲିକମ ଶିଳ୍ପରେ ନିଜର ପତିଆରା ରଖିଛି । ସେପଟେ ପ୍ରଥମ ଥର ପାଇଁ ୫ଜି ଜରିଆରେ ଟେଲିକମ ଶିଳ୍ପରେ ଏଂଟ୍ରି ମାରିବାକୁ ଯାଉଛନ୍ତି ଅଦାନୀ । ଗୁରୁତ୍ୱପୂର୍ଣ୍ଣ କଥା ହେଲେ ଦୁଇ ଶିଳ୍ପପତି ଗୁଜରାଟର । ଏବଂ କେନ୍ଦ୍ରର ଶାସକ ଦଳ ବିଜେପି ସହିତ ଏହି ଦୁଇ କମ୍ପାନୀର ରହିଛି ଭଲ ସଂପର୍କ । ଆରମ୍ଭ ହେବାକୁ ଯାଉଛି ୫ଜି ଯୁଗ । ଆଉ ତା ପୂର୍ବରୁ ଆରମ୍ଭ ହୋଇଛି ୫ଜି ସ୍ପେକ୍ଟ୍ରମ ନିଲାମି । ଦ୍ରୁତତମ ଇଂଟରନେଟ୍କୁ ନିଜ ଅକ୍ତିଆରକୁ ଆଣିବା ପାଇଁ ଭାରତର




ବଡ ବଡ ଶିଳ୍ପପତିଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଆଉ ଏହି ରେସ୍ରେ ସାମିଲ ହୋଇଛନ୍ତି ଭାରତର ଦୁଇ ଶିଳ୍ପପତି ଅଦାନି ଓ ଅମ୍ବାନି । କିଏ ପାଇବ ବୃହତ ଓ ହାଇସ୍ପିଡ୍ ସ୍ପେକ୍ଟ୍ରମ ତାକୁ ନେଇ ଚାଲିଛି ଅଙ୍କକଷା । ନିଲାମ ପାଇଁ ରିଲାଏନ୍ସ ଜିଓ ୧୪ହଜାର କୋଟି ଟଙ୍କା ଜମା କରିଥିବା ବେଳେ ନୂଆ କରି ଟେଲିକମ ଶିଳ୍ପକୁ ଆସିବାକୁ ଯାଉଥିବା ଆଦାନୀ ଗ୍ରୁପର ଟେଲିକମ କମ୍ପାନୀ ଆଦାନୀ ଡାଟା ନେଟୱର୍କ ୧୦୦ କୋଟି ଟଙ୍କା ଜମା କରିଛି । ୫ଜି ସ୍ପେକ୍ଟ୍ରମ୍ ନିଲାମରେ ସାମ୍ନାସାମ୍ନି ହୋଇଛନ୍ତି ଦେଶର ଦୁଇ ଧନୀ ବ୍ୟକ୍ତି । ଟେଲିକମ୍ ଇଣ୍ଡଷ୍ଟ୍ରିରେ ଦବଦବା ଜାହିର କରିଛି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓ । ସେପଟେ ନୂଆକରି ଏଥିରେ ଏଂଟ୍ରି ମାରିଛନ୍ତି ଗୌତମ ଅଦାନି । ୨୦୧୬ରେ ଜିଓ ଟେଲିକମ ଶିଳ୍ପରେ ପାଦ ଦେଇ ଦେଶର ଏକ ନମ୍ବର ଟେଲିକମ କମ୍ପାନୀ ହୋଇଛି । ଅନ୍ୟପଟେ ବିଶ୍ୱର ଧନୀ ତାଲିକାରେ ବିଲ୍ ଗେଟ୍ସଙ୍କୁ ପଛରେ ପକାଇ ୪ର୍ଥ ସ୍ଥାନ ନେଇଛନ୍ତି ଗୌତମ ଅଦାନୀ ଏବଂ ସେ ୫ଜି ସେବାକୁ ଏୟାରପୋର୍ଟ, ପାୱାର ସେକ୍ଟର ଓ ଡାଟା ସେଂଟରରେ ବିନିଯୋଗ କରିବାକୁ ଚାହୁଁଛନ୍ତି । ତେବେ ଜିଓ ଓ ଅଦାନୀ ଡାଟା ନେଟୱର୍କ ମଧ୍ୟରେ ପ୍ରତିଯୋଗିତା ହେବା ସୁନିଶ୍ଚିତ । ପ୍ରଥମ ଥର ପାଇଁ ଟେଲିକମ୍ ଇଣ୍ଡଷ୍ଟ୍ରିରେ ଏଂଟ୍ରି ମାରି ସମସ୍ତଙ୍କୁ ଚକିତ କରିଛନ୍ତି ଗୌତମ ଅଦାନୀ । କିନ୍ତୁ ରେସ୍ରେ ଲୋକଙ୍କଟ ମନି ଜିତିଥିବା ଏୟାଟଲ, ଭୋଡାଫୋନ, ଆଇଡିଆ ମଧ୍ୟ ଏହି ସ୍ପେକ୍ଟ୍ରମ ଦୌଡରେ ଅଛନ୍ତି ।

## ମଙ୍କିପକ୍ସ ପାଇଁ ସରକାର ଜାରି କଲେ ଆଡଭାଇଜରୀ

ନୂଆଦିଲ୍ଲୀ, ୨୬/୦୭ : ଦେଶରେ ଚିନ୍ତା ବଢାଇଛି ମଙ୍କିପସ୍ ମାମଲା । ମଙ୍କିପସକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଜରୁରୀ ପରିସ୍ଥିତି ଘୋଷଣା କରିଛି । କେରଳ ପରେ ଏବେ ରାଜଧାନୀ ଦିଲ୍ଲୀ ଓ ତେଲେଙ୍ଗାନା ମଙ୍କି ପସ୍ ଭୂତାଣୁ ଚିହ୍ନଟ ପରେ ପଡୋଶୀ ରାଜ୍ୟ ଗୁଡିକ ପାଇଁ ଏହା ଚିନ୍ତା ବଢାଇଛି । ଉତରପ୍ରଦେଶ ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ସର୍ତକ ରହିବାକୁ ନିର୍ଦ୍ଦେଶାବଳୀ ଜାରି କରିଛି । କୋଭିଡ ମୁକାବିଲା ଭଳି ମଙ୍କିପସ୍ ମୁକାବିଲା ପାଇଁ ୟୁପିର ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ହୋଇ ରହିଛି । ସେହିପରି ବିହାରରେ ବି ସ୍ୱାସ୍ଥ୍ୟ ବିଭାଗ ବି ଏଥିପାଇଁ ସଜାଗ ରହିଛି । ରାଜ୍ୟର ପ୍ରମୁଖ ସ୍ଥାନ ବିମାନବନ୍ଦରରେ ଚେକିଂ କଡାକଡା କରାଯାଉଛି । ସେପଟେ କେରଳ ଓ ଦିଲ୍ଲୀରେ ବି ଲୋକଙ୍କୁ ସର୍ତକ




କରାଇଦିଆଯାଇଛି । ଦିଲ୍ଲୀରେ ଚିହ୍ନଟ ହୋଇଥିବା ମଙ୍କିପସ୍ ଆକ୍ରାନ୍ତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ମିଳିନାହିଁ, ଯାହା ଦେଶ ପାଇଁ ଚିନ୍ତାର କାରଣ ପାଲଟିଛି । ଗତ ମେ ମାସରେ କେନ୍ଦ୍ରୀୟ ଓ ପଶ୍ଚିମ ଆଫ୍ରିକାରେ ଚିହ୍ନଟ ହୋଇଥିବା ମଙ୍କିପକ୍ସ ଏବେ ବିଶ୍ୱର ୭୦ଟି ଦେଶକୁ ବ୍ୟାପି ଯାଇଛି । ଦେଶରେ ମଙ୍କିପକ୍ସର ୪ଟି ମାମଲା ସାମ୍ନାକୁ ଆସିବା ପରେ ସଜାଗ ହେଲେଣି ସରକାର । ଏହା ଭିତରେ ଟିକା ନିର୍ମାତା ଆଦାର ପୁନାୱାଲଙ୍କ ବଡ ବୟାନ ସାମ୍ନାକୁ ଆସିଛି । ପୁନାୱାଲା କହିଛନ୍ତି କିଭଳି ଖୁବ ଶିଘ୍ର ମଙ୍କିପକ୍ସ ବିରୋଧୀ ଲଢେଇ ପାଇଁ ଭାରତରେ ଟିକା ଉପଲବ୍ଧ ହେବ ସେ ଦିଗରେ ଜୋରଦାର କାମ ଚାଲିଛି । ସେରମ ଇନ୍ଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ମଙ୍କିପକ୍ସର ବିରୋଧରେ ଏକ ଟିକା ପ୍ରସ୍ତୁତ କରିବା ପାଇଁ ଡେନମାର୍କର ଫାର୍ମା କମ୍ପାନୀ ବାବୋରିଅନ ନର୍ଡିକ ସହ ଆଲୋଚନା କରିଛନ୍ତି । ଯଦି ସବୁ କିଛି ଠିକ ରୁହେ ତେବେ ୩ମାସ ଭିତରେ ଭାରତକୁ ମିଳିପାରେ ଭ୍ୟାକସିନ । ସେରମ ପାଖରେ ଟିକା ସ୍ମଲପକ୍ସ ନିର୍ମାଣ କରିବା ପାଇଁ ଲାଇସେନ୍ସ ମଧ ରହିଥିବା ପୁନାୱାଲ କହିଛନ୍ତି ।

## ଆଜି ଓଜେଇଇ ରେଜଲ୍ଟ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଆସନ୍ତାକାଲି ଓଜେଇଇ ରେଜଲ୍ଟ ପ୍ରକାଶ ପାଇବ। ଆସନ୍ତାକାଲି (ବୁଧବାର)ସକାଳ ୧୧ଟା ୩୦ରେ ରେଜଲ୍ଟ ବାହାରିବ। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ ଷ୍ଟେଟ୍ କାଉନ୍ସିଲ 'ର୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ଗୋକେସନାଲ ଟ୍ରେନିଂ କନ'ରେନ୍ସ ହଲ୍ ଠାରେ ଓଜେଇଇ ରେଜଲ୍ଟ ଘୋଷଣା କରିବେ। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୪ ରୁ ୮ ଯାଏଁ ଓଜେଇଇ ପରୀକ୍ଷା ହୋଇଥିଲା। ପାଖାପାଖି ୬୦,୦୦୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ପାର୍ଥ ଚାଟାର୍ଜୀ ଓ ଅଭିନେତ୍ରୀ ଅର୍ପିତାଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲୁଛି

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ପଶ୍ଚିମବଙ୍ଗର ଶିକ୍ଷକ ନିଯୁକ୍ତି ଘୋଟାଲାରେ ଗିରଫ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଓ ସହଯୋଗୀ ଅଭିନେତ୍ରୀ ଅର୍ପିତା ମୁଖାର୍ଜୀଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲୁଛି ମିଳିଥିବା ଡାଏରୀ । ଏପରକି ଅର୍ପିତାଙ୍କ ଏହି କଳା ସାମ୍ରାଜ୍ୟର ଚେର ଓଡିଶା ପର୍ଯ୍ୟନ୍ତ ଲମ୍ବିଥିବା ସନ୍ଦେହ କରାଯାଉଛି । ମଡେଲ- ଆକ୍ଟର ଅର୍ପିତା ମୁଖାର୍ଜୀ ବର୍ତମାନ ସାରା ଦେଶରେ ଏକ ଚର୍ଚ୍ଚିତ ନାଁ । ତାଙ୍କ ଘରୁ ୨୦ କୋଟି ଟଙ୍କା ଜବତ ହେବା ଖବର ତାଙ୍କୁ ରାତାରାତି ଚର୍ଚ୍ଚାକୁ ଆଣିଥିଲା । ଆଉ ଏବେ ତାଙ୍କ ଘରୁ ଯେଉଁ ଡାଏରୀ ମିଳିଛି ତାହା ତାଙ୍କ ପାଇଁ ଅଡୁଆ ବଢ଼ାଇ ଦେଇଛି । ଅର୍ପିତାଙ୍କ ଫ୍ଲାଟରେ ଚଢାଉ ସମୟରେ କାଗଜପତ୍ର ଜବତ କରିଥିଲା ଇଡି । ସେଥିରେ ରହିଥିଲା ଏକ ଡାଏରୀ । ଯେଉଁ ଡାଏରୀରେ ରହିଥିଲା ଅର୍ପିତା ଓ ପାର୍ଥଙ୍କ କଳା ସାମ୍ରାଜ୍ୟର ଗୁମର । କୁହାଯାଉଛି ଅର୍ପିତାଙ୍କ



ଛଡା ଇଡି ସ୍କାନରରେ ପାର୍ଥ ଚାଟାର୍ଜୀଙ୍କ ଆଉ କିଛି ସହଯୋଗୀ ବି ଅଛନ୍ତି । ତେଣୁ ଏହି ଦୁର୍ନୀତି ମାମଲାରେ ଖୁବଶୀଘ୍ର ଆଉ କିଛି ଲୋକଙ୍କୁ ବି ଗିରଫ କରାଯାଇପାରେ । ପାର୍ଥ ଚାଟାର୍ଜୀଙ୍କ ଘରେ ଇଡିର ଚଢାଉବେଳେ ଯେଉଁସବୁ ନଥିପତ୍ର, ଡକୁମେଣ୍ଟ, କମ୍ପାନୀ ଓ ଘରର କାଗଜପତ୍ର ଜବତ ହୋଇଛି ସେଥିରେ ଅର୍ପିତାଙ୍କ ନାଁ ରହିଛି । ତେଣୁ ତଦନ୍ତାରୀ ଏଜେନ୍ସ ସନ୍ଦେହ କରୁଛନ୍ତି । ପାର୍ଥ ଓ ଅର୍ପିତାଙ୍କ ମଧ୍ୟର ଘନିଷ୍ଠ ବ୍ୟବସାୟିକ ସମ୍ପର୍କ ଥିଲା । ପାର୍ଥ ଚାଟାର୍ଜୀ କେବଳ ଅର୍ପିତାଙ୍କ ନାଁରେ କୋଟି କୋଟି ଟଙ୍କାର ସମ୍ପତି ରଖିନଥିଲେ, ବରଂ ଅନ୍ୟମାନେ ବି ଏଥିରେ ଭାଗିଦାର ଥିଲେ । ତେଣୁ ସନ୍ଦେହ ବଢିଛି, ଅର୍ପିତା କୋଟି କୋଟି ଟଙ୍କାକୁ ବଙ୍ଗଳା ଓ ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଲଗାଇଥାଇପାରନ୍ତି । ବର୍ତମାନ ପାର୍ଥ ଓ ଅର୍ପିତା ପ୍ରବର୍ତନ ନିର୍ଦ୍ଦେଶାଳୟର ହେପାଜତରେ ଅଛନ୍ତି । ତେଣୁ ଉଭୟଙ୍କୁ ମୁହାଁମୁହିଁ ଜେରାବେଳେ ଅନେକ ସତ ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି ।

## ଆଜି ପ୍ରକାଶ ପାଇବ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଆସନ୍ତାକାଲି (ବୁଧବାର) ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ। ବୁଧବାର ଅପରାହ୍ଣ ୪ଟା ବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଫଳାଫଳ ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ସେହିପରି ଯୁକ୍ତ ୨ କଳାର ଫଳାଫଳ ସପ୍ତାହକ ମଧ୍ୟରେ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ୧୯ ପାଇଁ ୨ ବର୍ଷ ପରେ ଚଳିତ ବର୍ଷ ଅଫ୍ ଲାଇନ୍ ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସିଲାବସ୍ ୩୦ % କମାଯାଇଥିଲା। ପରୀକ୍ଷା ପରିଚାଳନା ଯେପରି ସଠିକ୍ ଭାବେ ହୋଇପାରିବ, ଠିକ୍ ସମୟରେ ଯେପରି ଖାତା ଦେଖା ସରିବ ଏବଂ ଜୁଲାଇ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ ଆମେ ସମସ୍ତ ଚେଷ୍ଟା କରିଥିଲୁ। ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇବ। ସପ୍ତାହକ ମଧ୍ୟରେ କଳା ରେଜଲ୍ଟ ପ୍ରକାଶ କରିବାକୁ ଚେଷ୍ଟା କରୁଛୁ।

## ୬୫୦ କୋଟି ବ୍ୟୟରେ ନାଇଜର ଭୁବନେଶ୍ୱର ଠାରେ ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ପ୍ରତିଷ୍ଠା ହେବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଭୁବନେଶ୍ୱର ନାଇଜର କ୍ୟାମ୍ପସ ଠାରେ ଭାରତ ସରକାରଙ୍କ ଆଟୋମିକ୍ ଏନର୍ଜି ଡିପାର୍ଟମେଣ୍ଟ ଓ ଟାଟା ଟ୍ରଷ୍ଟ ସହଯୋଗରେ ୬୫୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ନିର୍ମାଣ କରାଯିବା ନେଇ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମଙ୍ଗଳାର ନୂଆଦିଲ୍ଲୀ ଠାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଡା. ଜିତେନ୍ଦ୍ର ସିଂହଙ୍କ ସହ ଆୟୋଜିତ ଏ ସମ୍ପର୍କୀତ ଏକ ବୈଠକରେ



ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ନିର୍ମାଣରେ ଭାରତ ସରକାର ୪୦୦ କୋଟି ଏବଂ ଟାଟା ଟ୍ରଷ୍ଟ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଏଥିପାଇଁ ନାଇଜର ୧୭ ଏକର ପରିମିତ ଜମି ପ୍ରଦାନ କରି ସାରିଥିବା ବେଳେ ଅତିରିକ୍ତ ୧୦ ଏକର ପରିମିତ ଜମି ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଯୋଗାଇ ଦେବ । ଏହି କ୍ୟାନସର ହସ୍ପିଟାଲକୁ ଟାଟା ଟ୍ରଷ୍ଟ ନିର୍ମାଣ କରିବା ପରେ ଭାରତ ସରକାରଙ୍କୁ ହସ୍ତାନ୍ତର କରିବେ । ହସ୍ପିଟାଲ ନିର୍ମାଣ ସହ କ୍ୟାମ୍ପସ ପରିସରରେ କର୍ମଚାରୀଙ୍କ ପାଇଁ ବାସଗୃହ, ରୋଗୀଙ୍କ ପାଇଁ ଧର୍ମଶାଳା, ହଷ୍ଟେଲ ନିର୍ମାଣ କରାଯିବ । ଆଗାମୀ ୩ ବର୍ଷ ମଧ୍ୟରେ ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟକୁ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି । ସେହିପରି କ୍ୟାନସର ହସ୍ପିଟାଲରେ ନିଯୁକ୍ତ ହେବାକୁ ଥିବା ମେଡ଼ିକାଲ ▶▶ପୃଷ୍ଠା ୭

## କଚ୍ଚା ଘରେ ରହୁଛନ୍ତି ୧୨ ଲକ୍ଷରୁ ଅଧିକ ପରିବାର

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ରାଜ୍ୟର ୧୨ ଲକ୍ଷ ୨୪ ହଜାର ୭୨୫ ପରିବାର କଚ୍ଚା ଘରେ ରହୁଛନ୍ତି। ସେହିପରି ରାଜ୍ୟରେ ବର୍ତମାନ ୨୧,୨୩୯ ଭୂମିହୀନ ପରିବାର ଅଛନ୍ତି ବୋଲି ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସୂଚନା ଦେଇଛନ୍ତି। ବିଜେପି ବିଧାୟକ ନାଉରୀ ନାୟକଙ୍କ ପ୍ରଶ୍ନର ଲିଖିତ ଉତର ଦେଇ ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସୂଚନା ଦେଇଛନ୍ତି ଯେ, ରାଜ୍ୟର ୧୨ ଲକ୍ଷ ୨୪ ହଜାର ୭୨୫ ପରିବାର କଚ୍ଚା ଘରେ ରହୁଥିବା ବେଳେ ୨୧,୨୩୯ ଭୂମିହୀନ ପରିବାର ରହିଛନ୍ତି। ଏହା ସହ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ୨୩ ଲକ୍ଷ ୮୨ ହଜାର ୮୮୪ ହିତାଧିକାରୀଙ୍କୁ ଗୃହ ମରାମତି ପାଇଁ ସହାୟତା ମିଳିଛି। ଏହି କାର୍ଯ୍ୟ ପାଇଁ ରାଜ୍ୟ ରାଜକୋଷରୁ ୭୧୪ କୋଟି ୮୬ ଲକ୍ଷ ୫୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ସେ ଆହୁରି ସୂଚନା ଦେଇଛନ୍ତି ଯେ, ଆର୍ଥିକ ବର୍ଷ ୨୦୨୧-୨୨ରେ ପିଏମଏୱାଇ (ଜି)-ବିପିଜିୱାଇ ଯୋଜନାରେ ୫,୫୬୪ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା। ଏହି ମଞ୍ଜୁର ଅର୍ଥରୁ ପିଏମଏୱାଇ(ଜି) ଓ ବିପିଜିୱାଇ ଗୃହନିର୍ମାଣ ସହିତ ଗୃହ ମରାମତି କାମ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ବିପିଜିୱାଇ ଯୋଜନାରେ ୪୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ତନ୍ମଧ୍ୟରୁ ଗୃହ ମରାମତି ଖର୍ଚ୍ଚ ବହନ କରାଯିବ ବୋଲି ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଜଣାଇଛନ୍ତି।

## ଡାଲଖାଇ ପାହାଡ଼ରେ ଏକ ମେଗା ପ୍ଲାନଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର,୨୬/୦୭ (ନି.ପ୍ର): ଲୋଇସିଂହା ବ୍ଲକ ଅନ୍ତର୍ଗତ ଏଥଲେଟିକ ଏସୋସିଏସନ ଝାରମୁଣ୍ଡା ଉଦ୍ୟମରେ ଡାଲଖାଇ ପାହାଡ଼ରେ ଏକ ମେଗା ପ୍ଲାନଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ୨ ଶହ ସାବୁନ, ଶହେ ବାଉଁଶ, ଶହେ ନିମ୍ବ ସହିତ ୫ ଶହ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ସମ୍ବାଦ ସାହିତ୍ୟଘର ଲୋଇସିଂହା ସହଯୋଗ କରିଥିବା ବେଳେ ଏଥଲେଟିକ ଏସୋସିଏସନ ଝାରମୁଣ୍ଡା ସଭାପତି ଶ୍ୟାମସୁନ୍ଦର ମେହେର, ସମ୍ପାଦକ ସଚ୍ଚିଦାନନ୍ଦ ସାହୁ, ସଭ୍ୟ ମନୋଜ କୁମାର ଧରୁଆ, ଗୁଣମଣି ସେଠ୍, କାଳିଚରଣ ବଗର୍ତି, କାର୍ତିକ କର୍ତା, ବିନୋଦ ଧରୁଆ, ଅନ୍ତର୍ଯ୍ୟାମୀ ମେହେର, ଗୋବିନ୍ଦ ବେହେରା, ସନ୍ତୋଷ ମେହେର, ସୁନିଲ ମେହେର ସହ ମହିଳା ସଭ୍ୟାମାନେ ଉପସ୍ଥିତ ରହି ମେଗା ପ୍ଲାନଟେସନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଖପ୍ରାଖୋଲର ଦୁଇ ହାଇସ୍କୁଲ ଯୁକ୍ତ ଦୁଇକୁ ଉନ୍ନୀତ

ବଲାଙ୍ଗିର,୨୬/୦୭ (ନି.ପ୍ର): ସରକାର ଉଚ୍ଚ ଶିକ୍ଷାର ବିକାଶ ଦିଗରେ ରାଜ୍ୟର ବିଭିନ୍ନ ଅଂଚଳରେ ଥିବା ହାଇସ୍କୁଲ ଗୁଡ଼ିକୁ ଯୁକ୍ତ ୨କୁ ଉନ୍ନୀତ କରିଥିବା ସୂଚନା ମିଳିଛି । ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁସାରେ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାର ୫୭ଟି ହାଇସ୍କୁଲରେ ଯୁକ୍ତ ଦୁଇ କଳା ବିଭାଗ ଖୋଲିବାକୁ ନିଷ୍ପତି ନେଇଛନ୍ତି । ସେଥି ମଧରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଆଦିବାସୀ ଅଧ୍ୟୁଷିତ ଖପ୍ରାଖୋଲ ବ୍ଲକରେ ଦୁଇଟି ହାଇସ୍କୁଲ ଉଚ୍ଚ ବିଦ୍ୟାଳୟ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ ହୋଇଛି । ଲୁହାସିଂହା ସର୍ବୋଦୟ ବିଦ୍ୟାପୀଠ ଏବଂ ରେଙ୍ଗାଲି ହରିଶଙ୍କର ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ କଳା ବିଭାଗ ଖୋଲିବା ପାଇଁ ସରକାର ସ୍ୱୀକୃତି ଦେଇଛନ୍ତି । ଏହି ଖବର ପ୍ରକାଶ ପରେ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ଅଂଚଳ ବାସୀ ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ କୃତଜ୍ଞତା ଜଣାଇଛନ୍ତି ।

## ଶହ ଶହ ଏକର ଚାଷ ଜମି ଜଳମଗ୍ନ

ସୋନପୁର,୨୬/୦୭ (ନି.ପ୍ର): ହୀରାକୁଦ କେନାଲରେ ସୃଷ୍ଟି ହୋଇଛି ୨୦ ଫୁଟର ଘାଇ । ସୋନପୁର ଜିଲ୍ଲା ବିନିକା ବ୍ଲକ ମେଘଲା ପଚାଂୟତ ଅନ୍ତର୍ଗତ ସାହାଜବାହାଲ ଗାଁ ନିକଟରେ ଏହି ଘାଇ ହୋଇଛି । ଫଳରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି । ସୂଚନା ଅନୁଯାୟୀ, ଗତକାଲି ରାତିରେ ସାହଜବାହାଲ ଗାଁ ଦେଇ ଯାଇଥିବା ହୀରାକୁଦ କେନାଲରେ ଏକ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି । ତେବେ କେନାଲରେ ଅଧିକ ମାତ୍ରାରେ ପାଣି ଛଡାଯାଉଥିବାରୁ ଏହି ଦୁର୍ବଳ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି । ଯାହାଫଳରେ କେନାଲ ଭାଙ୍ଗି ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି । ଯଦ୍ଦ୍ୱାରା ବ୍ୟାପକ ଧାନ ଫସଲ ନଷ୍ଟ ହେବା ଆଶଙ୍କା କରି ଚିନ୍ତାରେ ପଡିଛନ୍ତି ଚାଷୀ । ଅନ୍ୟପକ୍ଷରେ ଏ ସମ୍ପର୍କରେ ଖବର ପାଇ ଜଳସେଚନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧାନ କରିବା ସହ ତୁରନ୍ତ କେନାଲ ମରାମତି ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ।

# ଉତ୍କଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବର୍ଷା କବିତା ଆସର

ମାଲକାନଗିରି,୨୬/୦୭ (ନି.ପ୍ର): ମାଲକାନଗିରି ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ଠାରେ ଉତ୍କଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏହି କବିତା ଆସରରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ମୁଖ୍ୟବକ୍ତା ରୂପେ ମାଲ୍ୟବନ୍ତଶ୍ରୀର ସଂପାଦକ ମନୋଜ ସାହୁ, ସମ୍ମାନିତ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର ଅଧାପକ ଡ.ରଞ୍ଜନ କୁମାର ସ୍ୱାଇଁ, ମାଲକାନଗିରି ବନାଂଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ, କବି ସୁକୁମାର ବିଶ୍ୱାଳ ମଂଚାସୀନ ଥିବା ବେଳେ ଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚନ୍ଦ୍ର ନାୟକ ପୌରହିତ୍ୟ କରିଥିଲେ । ସଂପାଦକ ଅନନ୍ତ କିଶୋର ନନ୍ଦ ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ସହ ପରିଚୟ ପ୍ରଦାନ କରିଥିଲେ । ଉତ୍କଳ ସାହିତ୍ୟ ସଂସଦ ମାଲକାନଗିରି ଭଳି ଏକ ଆଦିବାସୀ ଅଧ୍ୟୁସିତ ଅଂଚଳରେ ନିରବଚ୍ଛିନ୍ନ ଭାବରେ ଓଡିଆ ଭାଷାର ପ୍ରଚାର ପ୍ରସାର ଏବଂ କବି କବୟିତ୍ରୀଙ୍କୁ ସୃଷ୍ଟି କରିବା ସହ ସେମାନଙ୍କ ସ୍ୱରଚିତ କବିତାକୁ ଲୋକଲୋଚନକୁ ଆଣିବା ପାଇଁ ବିଭିନ୍ନ ସମୟରେ କବିତା ଆସରମାନ ଆୟୋଜନ କରିବା ସହ କବି ଏବଂ କବୟିତ୍ରୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଆସୁଥିବା ସଭାପତି କେଶବ ଚନ୍ଦ୍ର ନାୟକ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି କୃପାସିନ୍ଧୁ ବେହେରା ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ, ଐତିହ୍ୟ ସମଗ୍ର ଭାରତରେ କେତେ ମହାନ ସେ ବିଷୟରେ ବିଶଦ ଭାବେ ବର୍ଣ୍ଣନା କରିବା ସହ ଉତ୍କଳ ସାହିତ୍ୟ ସଂସଦର ସଭାପତି କେଶବ ଚନ୍ଦ୍ର ନାୟକଙ୍କ ଓଡିଆ ସାହିତ୍ୟର ଉନ୍ନତି କଳ୍ପେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ଯେତେ ପ୍ରଶଂସା କଲେ ମଧ କମ ହେବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଜଗନ୍ନାଥ ପ୍ରସାଦ ବିଷୋୟୀ କହିଲେ ଯେ, ନିଜେ ଜଣେ ବନ ବିଭାଗର କର୍ମଚାରୀ ହେଲେ ମଧ ଓଡିଆ ସାହିତ୍ୟକୁ ଅତି ଭଲ ପାଏ, ଓଡିଆ ପୁସ୍ତକ ପଠନ ଲାଗି ସେ ସର୍ବଦା ବ୍ୟାକୁଳ ବୋଲି ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ।

ଏହି ପରିପ୍ରେକ୍ଷୀ ଉତ୍କଳ ସାହିତ୍ୟ ସଂସଦ ତରଫରୁ ଉତମ ସେବା ପାଇଁ ଉତମ ବନାଂଚଳ ଅଧିକାରୀ ସମ୍ମାନ ଜଗନ୍ନାଥ ପ୍ରସାଦ ବିଷୋୟୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଏମଭି-୭ ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟକୁ ଉତମ ଶିକ୍ଷା ସମ୍ମାନ, ଉତମ ସେବା ପାଇଁ ପଚାଂୟତ ନିର୍ବାହୀ ଅଧିକାରୀ ଭୋଳାନାଥ ବିଶ୍ୱାସଙ୍କୁ ପୁରସ୍କୃତ କରାଯାଇଥିଲା । ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଟିଆ ରତ୍ନ ବଂଶୀଧର ମହାରଣା, ସୁକୁମାର ବିଶ୍ୱାଳଙ୍କୁ ଉତ୍କଳ ସାହିତ୍ୟ ସଂସଦ ତରଫରୁ ମାନପତ୍ର ଫଳକ ଦେଇ ସ୍ମାନିତ କରାଯାଇଥିଲା । ଏହି ମଂଚରେ ଉତ୍କଳ ସାହିତ୍ୟ ସଂସଦର ସଭାପତି କେଶବ ଚନ୍ଦ୍ର ନାୟକଙ୍କୁ ତାଙ୍କ ଆଜୀବନ ସାହିତ୍ୟ ସେବା ପାଇଁ କଟକ ମଧୁମାଟି ସାହିତ୍ୟ ଅନୁଷ୍ଠାନରୁ ପ୍ରଦତ ମଧୁଶ୍ରୀ ସମ୍ମାନରେ ସମ୍ମାନିତ କରିବା ସହ କୋରାପୁଟ (ସେମିଳିଗୁଡା) ସାହିତ୍ୟ ଅନୁଷ୍ଠାନରୁ ଜୀଲନବ୍ୟାପି ସାହିତ୍ୟ ସେବା ପାଇଁ ଉତ୍କଳ ରତ୍ନସମ୍ମାନରେ ସମ୍ମାନିତ କରାଯାଇ ପୁରସ୍କୃତ କରଯାଇଥିଲା । ସର୍ବଶେଷରେ ବର୍ଷା କବିତା ଆସରକୁ ଯେଉଁ କବି ଏବଂ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରି ଆସରକୁ ସରସ ସୁନ୍ଦର କରିଥିଲେ, ସେମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ସଂପାଦକ ଅନନ୍ତ କିଶୋର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ବର୍ଷା ସାହିତ୍ୟ ଆସରକୁ ପରିଚାଳନାରେ ଦିବ୍ୟରଞ୍ଜନ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ମହାରଣା ଏବଂ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସ୍ୱର୍ଗତ କଳ୍ପତରୁ ଦାସଙ୍କ ୭ମ ଶ୍ରାଦ୍ଧ ବାର୍ଷିକ ଅବସରରେ ଧର୍ମଶାଳା ବିଜୁ ଜନତା ଦଳ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ଧର୍ମଶାଳା,୨୬/୦୭ (ନି.ପ୍ର): ବିଶିଷ୍ଟ ଜନନାୟକ ତଥା ଧର୍ମଶାଳା ପୂର୍ବତନ ବିଧାୟକ, ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଏବଂ ରାଜ୍ୟସଭା ସାଂସଦ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଆଜି ଅପରାହ୍ନରେ ଯାଜପୁର ଜିଲା ଧର୍ମଶାଳା ବ୍ଲକସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍ ଜାରକାଠାରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥିଭାବେ ବିଧାୟକ ବଡଚଣା ଅମର ପ୍ରସାଦ ଶତପଥୀ ଏବଂ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧରେ ପୂର୍ବତନ ଯାଜପୁର ସାଂସଦ ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଧର୍ମଶାଳା ପଂଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ନରେଶ ଚନ୍ଦ୍ର ମହାନ୍ତି, ବଡଚଣା ବିଜୁ ଜନତା ଦଳ ବ୍ଲକ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ୧୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ୧୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ୧୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ୩୪ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ମମତା ଖୁଂଟିଆ, ୩୫ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଶଶୀରେଖା ପୃଷ୍ଟି, ଯୁବ ସଭାପତି କ୍ଷିତୀଶ କୁମାର ନାୟକ, ବ୍ଲକ୍ ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ଜିଲ୍ଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଧୀ ତନୟା ମଲ୍ଲିକ୍, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ନିର୍ବାଚନ ମଣ୍ଡଳୀ ମହିଳା ସଭାପତି ରେଣୁବାଳା ଶତପଥୀ, ମହିଳା ବ୍ଲକ୍ ସଭାପତି ବିଶ୍ୱବନ୍ଦନା ଜେନା, ରାଜ୍ୟ ମହିଳା ସାଧାରଣ ସମ୍ପାଦକ ମମତା ଦଣ୍ଡପାଟ, ଜୋନ ସଂଯୋଜକ ଉତ୍କଳମଣୀ ଦାସ, ନିରଞ୍ଜନ ରାଉତ, ବିକାଶ ଦାସ, ପ୍ରହଲ୍ଲାଦ ଲେଙ୍କା, ଦୁଶାସନ ସାହୁ, ମଦନ ମୋହନ ନାୟକ, ଅମରେନ୍ଦ୍ର ରାୟ, ପିତାମ୍ବର ନାୟକ, ବିକ୍ରମ ବିଶ୍ୱାଳ, ଚନ୍ଦ୍ରଶେଖର ସ୍ୱାଇଁ, ଲୋକନାଥ ପଣ୍ଡା, ବିଦ୍ୟାଧର ବିଶ୍ୱାଳ, ଶେଖ୍ ମୋଇଉଦ୍ଦିନ, ସନ୍ତୋଷ କୁମାର ଜେନା ଏବଂ ବିଜୁ ଜନତା ଦଳର ସମସ୍ତ କର୍ମକର୍ତା ଓ ସମସ୍ତ ଶାଖାର ଯୁବ, ଛାତ୍ର, ମହିଳା ଏବଂ ଗାର୍ଲସ ୱିଙ୍ଗ୍ ଉପସ୍ଥିତ ଥିଲେ ।

# ତୁରେକେଲାରେ ଜିଲ୍ଲପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନ ଅଭିଯୋଗ ଶୁଣାଣି

ବଲାଙ୍ଗିର,୨୬/୦୭ (ନି.ପ୍ର): ଜୁଲାଇ ମାସର ଚତୁର୍ଥ ସୋମବାର ରେ ପୂର୍ବରୁ ନିର୍ଦ୍ଧାରିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଟିଟଲାଗଡ଼ ଉପଖଣ୍ଡ ର ତୁରେକେଲା ଠାରେ ଆଜି ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଚଞ୍ଚଲ୍ ରାଣା ଓ ଆରକ୍ଷୀ ଅଧିକ୍ଷକ ନୀତିନ୍ କୁଶଳ କର, ପି ଡି ଡି ଆର୍ ଡିଏ ସୁଶାନ୍ତ ସିଂ , ଟିଟଲାଗଡ଼ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ତୁରେକେଲା ବି ଡି ଓ, ତହସିଲଦାର ସମେତ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ । ବିଭିନ୍ନ ସମସ୍ୟା ମୂଳକ ମୋଟ ୧୪୧ ଗୋଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ତନ୍ମଧରୁ ବ୍ୟକ୍ତିଗତ ୧୨୬ ଗୋଟି ଓ ଗ୍ରାମ୍ୟ ସମସ୍ୟା ମୂଳକ ୧୫ ଟି ଦରଖାସ୍ତ ପଡିଥିଲା । ଏହି ଅଭିଯୋଗ ଓ ସମସ୍ୟା ଗୁଡିକୁ ଶୁଣାଣୀ କରି ଜିଲ୍ଲାପାଳ ଓ ଏସ୍ ପି ପଦକ୍ଷେପମାନ ନେଇଥିଲେ । ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀ ମାନଙ୍କୁ ସହାୟତା ଓ ଉପକରଣ ପ୍ରଦାନ କରାଯାଇ ଥିଲା. ଚଟୁ ଅଣକା ଗ୍ରାମର ଚିନ୍ତାମଣି ପାନିକା ଓ ଦେବକୀ ସୁନା ଙ୍କୁ ଭିନ୍ନ କ୍ଷମ ବିଭାହ ପ୍ରୋତ୍ସାହନ ୨ ଲକ୍ଷ ୫୦ ହଜାର ଟଙ୍କା ସହାୟତା ଚେକ୍ ମାଧ୍ୟମ ରେ ପ୍ରଦାନ କରାଯାଇଥିଲା । ସେପରି ୪ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ୫ ଜଣ କୁ ଟ୍ରାଇ ସାଇକଲ୍ ପ୍ରଦାନ କରାଯାଇଥିଲା । ଜନ ଶୁଣାଣୀ ରେ ବିଭିନ୍ନ ଭତ୍ତା ମଞ୍ଜୁର କରାଯାଇ ଜଣଙ୍କୁ ଭିନ୍ନ କ୍ଷମ ଭତ୍ତା ମଞ୍ଜୁର କରାଯାଇ ମଞ୍ଜୁରୀ ପତ୍ର ଦିଆଯାଇଛି । ସେପରି ଚିକିତ୍ସା ସହାୟତା ବାବାଦରେ ତୁରେକେଲା ବ୍ଲକ ଅନ୍ତର୍ଗତ ଚାରପାଣି ଗ୍ରାମର ଛୋଟଲାଲ ନିଆଲ କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୧୦ ହଜାର ଟଙ୍କା ସହାୟତା ଚେକ୍ ମାଧମରେ ଜିଲାପାଳ ପ୍ରଦାନ କରିଥିଲେ ।

# ନୋ ଭେଣ୍ଡିଂ ଜୋନ୍ ଘୋଷଣା ଧୂଆଁବାଣ : ଉଠା ଦୋକାନୀଙ୍କ କବ୍‌ଜାରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ

ପୁରୀ ,୨୬/୦୭ (ନି.ପ୍ର): ଭକ୍ତଙ୍କ ପାଇଁ ଦର୍ଶନର ମାର୍ଗ ପ୍ରଶସ୍ତ ହେବ । ଶୃଙ୍ଖଳିତ ଦର୍ଶନ ସହ ସକରାତ୍ମକ ଭାବନା ନେଇ ଭକ୍ତ ଶ୍ରୀମନ୍ଦିରରୁ ଫେରିବେ । ଏଥିପାଇଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରାଗଲା । ଜମି ଅଧିଗ୍ରହଣ ବାବଦକୁ ଶହ ଶହ କୋଟି ଟଙ୍କା ବ୍ୟୟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ପରିଧିରେ ମଠ, ମନ୍ଦିର ସହ ବ୍ୟକ୍ତିଗତ ଘର ସବୁ ଉଚ୍ଛେଦ କରାଗଲା । ଉଚ୍ଛେଦ ପରେ ଭକ୍ତମାନେ ସୁବିଧାରେ ଯା'ଆସ କରିପାରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଚତୁଃପାର୍ଶ୍ୱ ଉଚ୍ଛେଦ ପରେ ଭକ୍ତ ଏବେ ଆହୁରି କଲବଲ ହେଉଛନ୍ତି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରାସ୍ତାର ଦୁଇପାର୍ଶ୍ୱକୁ ଉଠା ଦୋକାନୀ, ଠେଲାଗାଡ଼ିମାନେ ଦଖଲରେ ରଖୁଥିବାରୁ ଏଭଳି ପରିସ୍ଥିତି ଉପୁଜିଛି । ଫଳରେ ଚତୁଃପାର୍ଶ୍ୱରେ ଅଯଥା ଭିଡ଼ ଲାଗିବା ସହ ଯା'ଆସରେ ଭକ୍ତମାନେ ଦୁର୍ଦ୍ଦଶା ଭୋଗୁଛନ୍ତି । ୬ ମାସ ତଳେ ଜିଲ୍ଲା ପ୍ରଶାସନ ଭକ୍ତଙ୍କ ଯା'ଆସରେ ଅସୁବିଧା ହେଉଥିବା ଅନୁଭବ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ପରିଧିକୁ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରିଥିଲା । ବିଶେଷ କରି ଭକ୍ତମାନଙ୍କ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଓ ଉତ୍ତରଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିବାରୁ ଏହି ଅଞ୍ଚଳକୁ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ବାରମ୍ବାର ଉଠା ଦୋକାନୀଙ୍କୁ ବି ହଟାଗଲା । ଖଜା ଦୋକନୀ, ମାଳି, ଚୁଡ଼ି, ପନିପରିବା ଦୋକାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲା । ନିୟମିତ ଭାବେ ପୁଲିସ ବି ଜଗି ରହିଲେ । କିନ୍ତୁ କେଇ ମାସ ଭିତରେ ସବୁକିଛି ଭୁଲିଗଲାଣି ପ୍ରଶାସନ । ଫଳସ୍ୱରୂପ ଚାରିଦ୍ୱାରରେ ଉଠା ଦୋକାନୀଙ୍କ ଅସମ୍ଭାଳ ଭିଡ଼ ଲାଗୁଛି । ସିଂହଦ୍ୱାର ସେଡ୍ କଡ଼ରେ ସଂକୁଚିତ ରାସ୍ତାରେ ବି ଏମାନେ ବସିବାକୁ କୁଣ୍ଠବୋଧ କରୁନାହାନ୍ତି । ଫଳରେ ଭକ୍ତମାନେ କିଣାକିଣି ପାଇଁ ଏଠାରେ ଭିଡ଼ ଲଗାଉଛନ୍ତି । ଯଦ୍ଦ୍ୱାରା ସଂକୁଚିତ ଏହି ରାସ୍ତା ଆହୁରି ସଂକୁଚିତ ହେବା ସହ ଯା'ଆସରେ ସ୍ଥାନୀୟ ଲୋକଙ୍କ ସହ ଶ୍ରଦ୍ଧାଳୁମାନେ ଦୁର୍ଦ୍ଦଶା ଭୋଗୁଛନ୍ତି । ଆହୁରି ଅସମ୍ଭାଳ ସ୍ଥିତି ଉତ୍ତରଦ୍ୱାରର । ଏଠାରେ ଲମ୍ବାଧାଡ଼ିରେ ଦୁଇପାର୍ଶ୍ୱରେ ଉଠା ଦୋକାନୀମାନେ ବସି ରହୁଥିବାରୁ ଅଯଥା ଭିଡ଼ ବଢ଼ିବା ସହ ଯାତାୟାତ ରାସ୍ତା ଅବରୋଧ ହେଉଛି ।

# ଡ୍ରେସିଂ ରୁମକୁ ଶୀତତାପ ନିୟନ୍ତ୍ରିତ କରିବାକୁ ଦାବି

ଧର୍ମଶାଳା,୨୬/୦୭ (ନି.ପ୍ର): ଯାଜପୁର ଜିଲା ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଜାତୀୟ ରାଜପଥ କଡରେ ହୋଇଥିବାରୁ ଦୈନଦିନ ଶହଶହ ସଂଖ୍ୟାରେ ଦୁର୍ଘଟଣା ଜନିତ ରୋଗୀ ଚିକିତ୍ସା ପାଇଁ ଭର୍ତି ହୋଇଥାନ୍ତି । ଏତଦ୍ ବ୍ୟତିତ ଗମନାଗମନ ସୁବିଧା ଦୃଷ୍ଟିରୁ ମାହାଙ୍ଗା, ଧର୍ମଶାଳା, ଟାଙ୍ଗୀ, ଗଦିଆ,ଆଦି ନିର୍ବାଚନ ମଣ୍ଡଳୀର ଜନସାଧାରଣ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି । ଡ୍ରେସିଂ ରୁମରେ ସେଭଳି କୌଣସି ଅତ୍ୟାଧୁନିକ ଯନ୍ତ୍ରପାତି ଓ ଶୀତତାପ ନିୟନ୍ତ୍ରିତ କୋଠରୀ ହୋଇନଥିବାରୁ ଆସୁଥିବା ରୋଗୀ ମାନେ ଯନ୍ତ୍ରଣାରେ ଛଟପଟ ହେଉଥିବା ଅଭିଯୋଗ ହୋଇଛି । ବିଶେଷ କରି ପୋଡି ହୋଇ ଆସୁଥିବା ରୋଗୀ ମାନଙ୍କୁ ଶୀତତାପ ନିୟନ୍ତ୍ରିତ କୋଠରିରେ ଚିକିତ୍ସା କରାଯିବାର ବ୍ୟବସ୍ଥା ଥିବା ବେଳେ ତାହା ଏଠାରେ ହେଉନାହିଁ । ଫଳରେ ରୋଗୀ ମାନଙ୍କୁ ଡାକ୍ତର ସାମାନ୍ୟତମ ଚିକିତ୍ସା କରି କଟକ ବଡ ଡାକ୍ତରଖାନାକୁ ପଠାଇ ଦେଇ କାମ ଶେଷ କରିଦେଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ନିମ୍ନମାନର ରାସ୍ତା କାମ କରି ଯନ୍ତ୍ରୀ ଓ ଠିକାଦାର ମାଲାମାଲ, ଲଗାଣ ବର୍ଷାରେ ଧୋଇଗଲା ପିଚୁ : ଭିଜିଲାନ୍ସ ତଦନ୍ତ ଦାବି

କନ୍ଧମାଳ,୨୬/୦୭ (ନି.ପ୍ର): ଯନ୍ତ୍ରୀ ଓ ଠିକାଦାର ମିଳିମିଶି ନିମ୍ନ ମାନର ତଥା ଉପର ଠାଉରିଆ ଭାବେ କାମ କରି ସିଂହ ଭାଗଅର୍ଥ ଚଳୁ କରିଦେବା ଫଳରେ ରାସ୍ତା କାମ ସରିବାର ମାସ କେଇଟାବି ଗଲାନି ଚଳିତ ଲଗାଣ ବର୍ଷାରେ ରାସ୍ତା ଫାଟି ଆଁ କରିବାସହ ଗାତ ହୋଇଯାଇଥିବା ଦେଖିବାକୁ ମିଳିଛି । ଅଭିଯୋଗ ହେବାପରେ ଯନ୍ତ୍ରୀଙ୍କ ମୋବାଇଲ ସୁଇଚ ଅଫ ଦେଖାଉଥିବା ବେଳେ ଠିକାଦାର କହୁଛନ୍ତି ବର୍ଷା ପୂର୍ବରୁ କାମ ସାରିବା ଲାଗି ବିଭାଗ ତରବର କରିବାରୁ ରାସ୍ତା କାମରେ କିଛିଟା ତ୍ରୁଟି ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି, ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏଭଳି ଅଭିଯୋଗ ଆସିଛି କୋଟଗଡ଼ ଅଂଚଳରୁ । ଏଠାରେ ସୂଚନାଯୋଗ୍ୟ ଯେ, କୋଟଗଡ଼ ରାଜ୍ୟ ରାଜପଥ ରଡ଼ିଗୁମାରୁ ସିନାଗୁଡ଼ା ଯାଏ ଏକ କୋଟି ଅଶି ଲକ୍ଷ ବ୍ୟୟ ଅଟକଳରେ ରାସ୍ତା କାର୍ଯ୍ୟ ବାଲିଗୁଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱରା କରାଯାଇଥିଲା । ସମ୍ପୃକ୍ତ ଅଂଚଳ ଏକ ମାଓ ଇଲାକା ତଥା ଦୁର୍ଗମ ଅଂଚଳ ଭାବେ ପରିଗଣିତ ହେଉଥିବାରୁ ବଡ ବଡ ବାବୁମାନଙ୍କ ପାଦ ପଡ଼େନି ଏଠାରେ । ଏହାର ସୁଯୋଗ ନେଇ ଯନ୍ତ୍ରୀ ଓ ଠିକାଦାର ମିଶି ଉପର ଠାଉରିଆ ଭାବେ କିଛି କରି ସିଂହ ଭାଗ ଅର୍ଥ ଚଳୁ କରିଥିବା ନେଇ ଗ୍ରାମର ବିନୋଦ ଘଡେଇ, ଲେଙ୍ଗରା ପ୍ରଧାନ, ରମେଶ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି । ଗ୍ରାମ୍ବାସୀ ଲଗାତାର ନିର୍ବାହୀ ଯନ୍ତ୍ରୀ, ଓ ମୁଖ୍ୟ ଯନ୍ତ୍ରୀଙ୍କୁ ଏନେଇ ଅଭିଯୋଗ କରିବା ପରେ କାଳେ ତଦନ୍ତ ହେବ ଆଉ ସବୁ ଗୁମର ଖୋଲିଯିବ ଭାବି ଯନ୍ତ୍ରୀ ଅଭିଯୋଗକୁ ରଫାଦଫା କରିବା ଲାଗି ଉଦ୍ୟମ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ରାସ୍ତାକାମ ଏପରି ହୋଇଛି ଯେ, ଗୋଡ଼ ଘୋସାରିଲେ ଗୋଡ଼ି ଉଠିଯାଉଛି, ହାତରେ ରାମ୍ପିଲେ ବି ଉଠିଯାଉଛି ରାସ୍ତାରୁ ଗୋଡ଼ି । କୋଟଗଡ଼ରେ ସହକାରୀ ଯନ୍ତ୍ରୀ, କିମ୍ବା କନିଷ୍ଠ ଯନ୍ତ୍ରୀ ପ୍ରାୟତଃ ରହୁନାହାନ୍ତି । ବେଳେ ବେଳେ ଆସୁଛନ୍ତି । ସେଥିପାଇଁ ଠିକାଦାର ମାନଙ୍କ ମନମାନି ଚାଲିଛି । ଅଭିଯୋଗ କଲେ ଶୁଣୁଛି ବା କିଏ ଦୁର୍ନିତୀ ନିବାରଣ ବିଭାଗ ମଧ ରାସ୍ତା କାମର ଭିତିରିଆ ତଦନ୍ତ ଆରମ୍ଭ କରିଥିବା ଶୁଣିବାକୁ ମିଳୁଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି କୁହାଯାଉଛି । ସେହିପରି ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀ ଗାଁ ନିକଟ କୁମ୍ଭାରୀଗାଁ ପଂଚାୟତର ସାରଗୁଡି -କାତିଙ୍ଗିଆ ରାସ୍ତା କାମରେ ବି ବ୍ୟାପକ ଦୁର୍ନିତୀ ଓ ଅନିୟମିତତା ହୋଇଥିବାନେଇ ଅଭିଯୋଗ ହେବାପରେ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି । ତ୍ୱେ ବାଲିଗୁଡା ଆରଡ଼ି ବିଭାଗ ନିର୍ବାହୀ ଯନ୍ତ୍ରୀ ଅଧିକା ପିସି ଦାବୀ କରିବା ଯୋଗୁଁ କାମ ସବୁ ନିମ୍ନ ମାନର ହେଉଥିବା ନେଇ ମାଳମାଳ ଅଭିଯୋଗ ପହଂଚିବାରେ ଲାଗିଛି । ଏଥିପ୍ରତି ବିଭାଗୀୟ ମନ୍ତ୍ରୀ, ସଚିବ, ଭିଜିଲାନ୍ସ କର୍ତୃପକ୍ଷ, ଜିଲାପାଳ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ଗ୍ରାମବାସୀ ।

# ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଜରୁରୀ ବୈଠକ ଅନୁଷ୍ଠିତ

ନୂଆପଡ଼ା,୨୬/୦୭ (ନି.ପ୍ର): ଆଜି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ କମିଟି ର ଏକ ଜରୁରୀ ବୈଠକ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ଙ୍କ ନେତୃତ୍ୱରେ କେନ୍ଦୁପତ୍ର ଡିଏଫଓ ପ୍ରତାପ ବେହେରାଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତୋଳାଳୀ,ବନ୍ଧାଳୀ,ସିଜିନାଲ ଷ୍ଟାଫ ଓ ଅନ୍ୟାନ୍ୟ ଶ୍ରମିକ ମାନଙ୍କ ବିଭନ୍ନ ସମସ୍ୟା ଉପରେ ଦୀର୍ଘ ସମୟ ଆଲୋଚନା କରି ସମାଧାନ ପାଇଁ ଦାବି କରିଥିଲେ ।ପ୍ରଥମେ ଖଡ଼ିଆଳ ରେଞ୍ଜ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଡିଭିଜନ କମିଟିର ବୈଠକ ଅନୁଷ୍ଠିତ ହୋଇ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଚର୍ଚ୍ଚା କରି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା,ବିଭିନ୍ନ ରେଞ୍ଜର ସମସ୍ୟା ଚିହ୍ନଟ କରି ଡିଏଫଓ ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ନିଷ୍ପତି ହୋଇଥିଲା । ଚଳିତ ଖର୍ଦ୍ଦି ସିଜନ ସରିଲା ପରେ ମୁନ୍ସୀ ଚପରସୀ ମାନଙ୍କ ଦରମା ନ କାଟି ସରକାର ଙ୍କ ନିୟମ ଅନୁସାରେ ପୁରା ବିଲ କରି ପ୍ରାପ୍ୟ ଦେବା,ସିଜନାଲ ଷ୍ଟାଫ ଙ୍କ ଗସ୍ତ ବିଲ ପ୍ରସ୍ତୁତ କରି ପ୍ରାପ୍ୟ ପ୍ରଦାନ କରିବା, ତୋଳାଳୀ ଓ ସିଜିନାଲ ଷ୍ଟାଫ ଙ୍କ ସାମାଜିକ କଲ୍ୟାଣ ଯୋଜନା ମୁତାବକ ମୃତ୍ୟ କାଳୀନ,ଝିଅ ବାହାଘର, ଚିକିତ୍ସା, ଛାତ୍ର ବୃତ୍ତି ସହାୟତା ୨୦୧୭ ମସିହାରୁ ରହି ଯାଇଥିବା ବକେୟା ତୁରନ୍ତ ପ୍ରଦାନ କରିବା,ସିଜନାଲ ଷ୍ଟାଫଙ୍କ ୨୦୧୯ ବର୍ଦ୍ଧିତ ଦରମା ଏରିଅର ରେ ଇନସେଣ୍ଟିଭ ଆଲାଉନସ ପ୍ରଦାନ,କେନ୍ଦୁପତ୍ର ବନ୍ଧେଇ ସମୟରେ ବନ୍ଧେଇ ଶ୍ରମିକଙ୍କ ସୁବିଧା ଦୃଷ୍ଟିରୁ ତଥା ପତ୍ର ବନ୍ଧେଇ ର ଗୁଣବତ୍ତା ରକ୍ଷା କରିବାକୁ ଓ ବର୍ଷା ଦିନିଆ କାଦୁଅ ରକ୍ଷା କରିବା ପାଇଁ ଫଡ଼ି ଘର ସାମନାରେ କଂକ୍ରିଟ କରଣ, ପ୍ରତ୍ୟେକ ଫଡ଼ିଘର ସାମ୍ନାରେ ନଳକୂପ ଖନନ,ସୁଖା ରଖା, ଓଲଟେଇ,ଢେରେଇ ଓ ରଚାଇ ପ୍ରାପ୍ୟ ପୁରା ପ୍ରଦାନ କରିବା,କେନ୍ଦୁପତ୍ର ଉତ୍ପାଦନ ବୃଦ୍ଧି ପାଇଁ ଗୁଚ୍ଛା କଟେଇ ର ଯଥେଷ୍ଟ ପୂର୍ବରୁ ମେଢ଼ା କଟେଇ ଇତ୍ୟାଦି ଦାବି ଗୁଡିକ ଉପରେ ବିସ୍ତୃତ ଚର୍ଚ୍ଚା ଆଲୋଚନା ହୋଇଥିଲା ।ଖୁସିର କଥା ପଞ୍ଚସଠି ଜଣ କୁ ଛାଡିଦେଲେ ପ୍ରାୟ ସମସ୍ତ ସିଜିନାଲ ଷ୍ଟାଫ ଇ ପି ଏଫ କାଟି ସାରିଛନ୍ତି ବୋଲି ଡିଫଓ ଅଲୋଚନା ସମୟରେ ଉପସ୍ଥାପନ କରିଥିଲେ ।ଆସନ୍ତା ସିଜନ ପୁର୍ବ ରୁ ଖରିଆର ଡିଭିଜନ ରୁ ଫାଲ ବ୍ୟବସ୍ଥା କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ପୁରା ପ୍ରୋସେସ ଡିଭିଜନ କରିବାକୁ ସରକାର ଙ୍କୁ ପ୍ରସ୍ତା ଦେବା ପାଇଁ ଡିଏଫଓ ଙ୍କୁ ପରାମର୍ଶ ଦିଆ ଯାଇଛି । ଠିକ ସେହିପରି ସାମାଜିକ କଲ୍ୟାଣ ଯୋଜନାରେ ଝିଅ ବାହାଘର, ଛାତ୍ରବୃତ୍ତି କଟିଦେଇଥିବାରୁ ସଙ୍ଘ ତରଫରୁ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଲାଗୁକରିବାକୁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ଡିଫଓ ଙ୍କୁ ଅନୁରୋଧ କରାଯାଇଛି ନଚେତ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି ।

# ସାଧାରଣ ବିଦ୍ୟାଳୟରେ ବିଶେଷ ଆବଶ୍ୟକ ରଖୁଥିବା ବିଦ୍ୟାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି କରିବାକୁ ସୁପ୍ରିମ କୋର୍ଟଙ୍କ ଆଦେଶ



ଭୁବନେଶ୍ୱର,୨୬/୦୭ (ନି.ପ୍ର): ଶିକ୍ଷା ସମସ୍ତଙ୍କର ମୌଳିକ ଅଧିକାର, ଶିକ୍ଷାର ଗୁରୁତ୍ୱ ସବୁଠାରୁ ଅଧିକ । ଜଣେ ଦିବ୍ୟାଙ୍ଗ ବିଦ୍ୟାର୍ଥୀର ମଧ ଏକ ସାଧାରଣ ବିଦ୍ୟାର୍ଥୀ ପରି ସମାନ ଶିକ୍ଷା ପାଇବାର ଆବଶ୍ୟକତା ଏବଂ ଅଧିକାର ଅଛି । ଓଡ଼ିଶାରେ ୬୪୦୦୦ରୁ ଅଧିକ ବିଦ୍ୟାଳୟ ଅଛି ଏବଂ ପ୍ରାୟ ୮୨୦୦୦ ବିଶେଷ ଆବଶ୍ୟକ ରଖୁଥିବା ପିଲା ଏହି ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇଛନ୍ତି କିନ୍ତୁ ସେମାନଙ୍କୁ ପଢ଼ାଇବା ପାଇଁ ତାଲିମପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କ ଆବଶ୍ୟକତା ରହିଛି ଯାହାର କି ସମ୍ପୂର୍ଣ୍ଣ ଅଭାବ ରହିଛି ଏବଂ ଆଜି ପର୍ଯ୍ୟନ୍ତ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ । ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ପାଇଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଡବ୍ଲୁ.ପି (ସି) ୧୩୨; ୨୦୧୬ ତା: ୨୮/୧୦/୨୦୨୧ ରେ ଏକ ରାୟ ଶୁଣାଣି କରି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶରେ ଉଲ୍ଲେଖ ଥିଲା ଯେ, ପ୍ରତ୍ୟେକ ରାଜ୍ୟ ନିଜର Compliance ଆଫିଡ଼େଭିଟ୍ ଉଚ୍ଚତମ ନ୍ୟାୟାଳୟ ରେ ଦାଖଲ କରିବେ ।ଏହି ପରିପ୍ରେକ୍ଷୀ ରେ ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ତଥା ସଶକ୍ତିକରଣ ବିଭାଗ କମିଶନର ନିଜ ଆଫିଡ଼େଭିଟ ରେ ଉଲ୍ଲେଖ କରିଛନ୍ତି ଯେ,ଡ଼ିପ୍ଲୋମା (ସ୍ୱତନ୍ତ୍ର ଶିକ୍ଷା) ଓ ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା) ଏମ୍.ଇଡ଼ି (ସ୍ୱତନ୍ତ୍ର ଶିକ୍ଷା) କୋର୍ସ କରି ରିହ୍ୱିଲଟେସନ କାଉନସିଲ ଇଣ୍ଡିଆ (ଜଉଓ) ରେ ନାମ ପଞ୍ଜିକରଣ କରିଥିବା ଆଶାୟୀ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ସାଧାରଣ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀ ଭାବେ ନିଯୁକ୍ତି ଦିଆଯାଉଛି ଏବଂ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ପାଇଁ ରାଜ୍ୟ ର ପ୍ରତ୍ୟେକ ବ୍ଲକ ରେ ଦୁଇଟି ଲେଖାଏଁ ବ୍ଲକ୍ ରିସୋର୍ସ ଟିଚର (BRT) ରେ ୬୩୨ ଜଣ ଙ୍କୁ ନିଯୁକ୍ତି ଦିଆଯାଇଛି । ରାଜ୍ୟରେ ୬୨ ଟି ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଥିବା ବେଳେ ୧୮୪୬ ସିଟ୍ ରହିଛି । ପ୍ରତ୍ୟେକ ବର୍ଷ ଏହି କୋର୍ସ କରି ଛାତ୍ର ଛାତ୍ରୀ ମାନେ ଘରେ ବସିଛନ୍ତି । ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ୨୧.୦୭.୨୦୨୨ ତାରିଖ ଦିନ ପୁନଶ୍ଚ ରାୟ ର ଶୁଣାଣି କରି କହିଛନ୍ତି ଯେ, ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଙ୍କ ପାଇଁ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ଓ ଉଚ୍ଚ ପ୍ରାଥମିକ, ମାଧମିକ, ଉଚ୍ଚ ମାଧମିକ ବିଦ୍ୟାଳୟ ରେ ୧୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ସ୍ଥିର କରିଛନ୍ତି ଏବଂ ଯଦି ଗୋଟେ ବିଦ୍ୟାଳୟରେ ଗୋଟିଏ ବି ଭିନ୍ନକ୍ଷମ ପିଲା ଅଛି ସେଠି ଜଣେ ସ୍ୱତନ୍ତ୍ର ଶିକ୍ଷକ ଦବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ସର୍ବଦା ଚେଷ୍ଟିତ ସଂଘ ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର ଦିବ୍ୟାଙ୍ଗ ସଂଘ (OSEFD) ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାରେ ଡ଼ିପ୍ଲୋମା (ସ୍ୱତନ୍ତ୍ର ଶିକ୍ଷା), ବି.ଇଡ଼ି (ସ୍ୱତନ୍ତ୍ର ଶିକ୍ଷା) ଏମ୍.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା) ଦୁଇ ବର୍ଷିଆ କୋର୍ସ କରି ପ୍ରତ୍ୟେକ ବର୍ଷ ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ଆଶାୟୀ ଶିକ୍ଷକ ଓ ଶିକ୍ଷୟତ୍ରୀ ନିଯୁକ୍ତି ନ ପାଇ ବେକାର ହୋଇ ଘରେ ବସି ରହୁଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ରାୟ ଅନୁସାରେ ଓଡ଼ିଶାର ପ୍ରତ୍ୟେକ ବିଦ୍ୟାଳୟ ରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ରଖୁଛି ।ଏହି ନିଯୁକ୍ତି କରାଗଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ଶିକ୍ଷାରୁ ବଞ୍ଚିତ ନହେବା ସହ ଓଡ଼ିଶାରେ ଥିବା ୬୦୦୦ ରୁ ଉର୍ଦ୍ଧ୍ୱ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ ମତ ରଖାଯାଇଛି ।

# ପିତ୍ତକୋଷରେ ପଥର




ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ ।

ଏପରି ହେଲେ ପିତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି । ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

## ରେଜେଇ ସହ ବିବାହ

ଇଂଲଣ୍ଡ ଡେଭୋନ ସହରରେ ରହୁଥିବା ପାସକଲ ସେଲିକ ନିଜର ବ୍ୟବହୃତ ରେଜେଇ ସହ ବିବାହ କରିବାକୁ ଯାଉଛନ୍ତି । ପାସକଲ ଯେଉଁ ରେଜେଇ ସହିତ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି ତାହାକୁ 'ଡୁଭେଟ୍' କୁହନ୍ତି । ରେଜେଇ ସହ ବିବାହ ଲାଗି ସେ ସମସ୍ତ ପ୍ରସ୍ତୁତି ସାରିଛନ୍ତି । ଏହି ବିବାହୋତ୍ସବରେ ଗୋଟିଏ ସାଧାରଣ ବିବାହ ଭଳି ଖାଦ୍ୟ, ସଙ୍ଗୀତ ଓ ସାଜସଜ୍ଜାର ବ୍ୟବସ୍ଥା ମଧ ସେ କରିଛନ୍ତି । ସେ କହିଛନ୍ତି ଯେ ରେଜେଇ ସହିତ ତାଙ୍କର ସମ୍ପର୍କ ଅଦ୍ଭୁତ ଓ ଅସାଧାରଣ । ଖାଦ୍ୟ ଏବଂ ସଙ୍ଗୀତ ଜୀବନରେ ଅସ୍ୱଶ୍ୟକ, ତଥାପି ରେଜେଇ ସହିତ ତାଙ୍କର ସଂପର୍କ ମଧ ଆଜୀବନ ରହିବ ଏଥିରେ ସନ୍ଦେହ ନାହିଁ । ଡୁଭେଟ୍ ମୋ ସହିତ ସବୁ ସମୟରେ ରହିଥାଏ । ସେ ରେଜେଇକୁ ସବୁ ସମୟରେ ଆଲିଙ୍ଗନ କରିଥାନ୍ତି । ତେଣୁ ଲୋକମାନଙ୍କ ନିମନ୍ତ୍ରଣ କରି ରେଜେଇ ସହ ତାଙ୍କର ବିବାହକୁ ସାର୍ବଜନୀନ କରିବା ନିଷ୍ପତ୍ତି ନେଇଛନ୍ତି, ବିବାହ ପାଇଁ ସେ ମଧ ଗୋଟିଏ ଆକର୍ଷଣୀୟ କାର୍ଡ ଛପାଇଛନ୍ତି ।

## କର୍କଟ କବଳରୁ ମୁକ୍ତି



ସାମ୍ପ୍ରତିକ ସମୟର ସର୍ବାଧିକ ଆତଙ୍କ ସୃଷ୍ଟିକାରୀ ରୋଗ ଭାବରେ କ୍ୟାନସର ବା କର୍କଟ ବିବେଚିତ । ଥରେ ଏହି ରୋଗର କବଳିତ ହେବାପରେ ପର୍ଯ୍ୟାପ୍ତ ପରିମାଣର ଧନ ବ୍ୟୟ ହେବା ସହିତ ଜୀବନ ହାନି ମଧ ଘଟିଥାଏ । ଭାରତରେ ଓଠ ଓ ମୁଖ ଗହ୍ୱର କର୍କଟର ବ୍ୟାପ୍ତି ଅଧିକ ଚିନ୍ତାର କାରଣ ପାଲଟୁଛି । ଡାକ୍ତରମାନଙ୍କ ମତରେ, ଭାରତରେ ପ୍ରାୟ ୬୦ ପ୍ରତିଶତ କ୍ୟାନସର ରୋଗକୁ ପ୍ରତିରୋଧ କରାଯାଇ ପାରିବ । ଉତ୍ତମ ରୋଗ ନିରୂପଣ ବ୍ୟବସ୍ଥା ଏବଂ ଲୋକମାନଙ୍କର ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଦେଶରେ ଦିନ ପରେ ଦିନ କ୍ୟାନସର ରୋଗ ବୃଦ୍ଧି ପାଇବାର କେତେଗୋଟି କାରଣ । ତମାଖୁର ବ୍ୟବହାର, ମଦ୍ୟପାନ, ପ୍ରକ୍ରିୟକୃତ ଖାଦ୍ୟ ପଦାର୍ଥ ଭୋଜନ, ବାୟୁ ପ୍ରଦୂଷଣ, ଓବେଇସିଟି ବା ମୋଟାପଣ ଇତ୍ୟାଦି ଏହି ରୋଗର ସୃଷ୍ଟି ଓ ବୃଦ୍ଧି ପାଇଁ ଦାୟୀ । ତେବେ ଆଶ୍ୱାସନାର କଥା ହେଉଛି, ତମାଖୁ ବ୍ୟବହାରକୁ କମାଇ, କେତେକ ପ୍ରକାରର କ୍ୟାନସର ନିମନ୍ତେ ଇଞ୍ଜେକସନ୍ ନେଇ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ଆପଣାଇ



ଉଲ୍ଲେଖନୀୟ ଭାବରେ କ୍ୟାନସର ରୋଗର ପ୍ରାଦୁର୍ଭାବକୁ ହ୍ରାସ କରାଯାଇ ପାରିବ । ଯେଉଁ ଧରଣର ପରିବର୍ତ୍ତନ କ୍ୟାନସର ରୋଗ ରୂପୀ ବୋଝକୁ କମାଇ ପାରିବ, ଅର୍ଥନୀତି ଉପରେ ସେହି ପରିବର୍ତ୍ତନ ମଧ ସକାରାତ୍ମ ପ୍ରଭାବ ପକାଇ ପାରିବ । ତେଣୁ ଏବେଠାରୁ ଯଦି ତମାଖୁ ଜାତୀୟ ଦ୍ରବ୍ୟ, ମଦ୍ୟ ଇତ୍ୟାଦିର ପ୍ରସାର ଉପରେ ନିୟନ୍ତ୍ରଣ ରଖାଯିବା ସହିତ ଟିକରଣ ଉପରେ ପ୍ରାଧାନ୍ୟ ଦିଆଯାଏ, ତାହେଲେ ଦେଶର ଉଭୟ ଶାରୀରିକ ଏବଂ ଅର୍ଥନୀତିକ ସ୍ୱାସ୍ଥ୍ୟ ଆହୁରି ଉନ୍ନତ ହେବ ।

## କେମିତି ଜାଣିବେ ଆପଣଙ୍କ କଲ୍ କିଏ ରେକର୍ଡ଼ିଂ କରୁଛନ୍ତି କି ନାହିଁ ?

କେହି ଆପଣଙ୍କ କଲ୍ ରେକର୍ଡିଂ କରୁଛନ୍ତି କି ? ଏହାକୁ ବହୁତ ସହଜରେ ଜାଣି ପାରିବେ । ତୃତୀୟ ପକ୍ଷ କଲ୍ ରେକର୍ଡିଂ ଆପ୍ ବନ୍ଦ କରିବାର ସବୁଠାରୁ ବଡ ସୁବିଧା ହେଉଛି ଯେ ଆପଣ କଲ୍ ରେକର୍ଡିଂ ସାଉଣ୍ଡ ଶୁଣିପାରିବେ । ତେବେ, ପୁରୁଣା ଆଣ୍ଡ୍ରଏଡ୍ ଫୋନ୍ କିମ୍ବା ଫିଚର ଫୋନରେ ଏହି ସୁବିଧା ଦିଆଯାଇନାହିଁ । ଗୁଗୁଲ କିଛି ସମୟ ପୂର୍ବରୁ କଲ୍ ରେକର୍ଡିଂ କରୁଥିବା ତୃତୀୟ ପକ୍ଷ ଆପକୁ ବନ୍ଦ କରି ଦେଇଛି । ଏହି କାରଣରୁ କୌଣସି ତୃତୀୟ ପକ୍ଷ ଆପ୍ ସାହାଯ୍ୟରେ ଆଣ୍ଡ୍ରଏଡ୍ ଫୋନରେ କଲ୍ ରେକର୍ଡିଂ କରାଯାଇପାରିବ ନାହିଁ । ଏଥିପାଇଁ ଆପଣଙ୍କୁ ଫୋନରେ ଦିଆଯାଇଥିବା ଇନବିଲ୍ଟ କଲ୍ ରେକର୍ଡିଂ ବ୍ୟବହାର କରିବାକୁ ପଡିବ । କିନ୍ତୁ ଅନେକ ଥର ଏମିତି ହୁଏ ଯେ ଯାହାଙ୍କ ସହ ଫୋନରେ କଥାବାର୍ତ୍ତା କରୁଛନ୍ତି ସେହି ବ୍ୟକ୍ତି ଆପଣଙ୍କ କଲ୍ ରେକର୍ଡ କରୁଛନ୍ତି ଏବଂ ଆମେ ଜାଣିପାରୁନାହୁଁ । ତଥାପି ଏହାକୁ ଜାଣିବା ଅନେକ ସହଜ । ଏଥିପାଇଁ ଆପଣଙ୍କୁ କିଛି ଜିନିଷ ପ୍ରତି ଧ୍ୟାନ ରଖିବାକୁ ପଡିବ । ତୃତୀୟ ପକ୍ଷ କଲ୍ ରେକର୍ଡିଂ ଆପ୍ ବନ୍ଦ କରିବାର ସବୁଠାରୁ ବଡ ସୁବିଧା ହେଉଛି ଯେ ଆପଣ ଜାଣିପାରିବେ ସାମ୍ନା ଲୋକ ଆପଣଙ୍କ କଲ୍ ରେକର୍ଡିଂ କରୁଛନ୍ତି । ଏହି ସୁବିଧା ପୁରୁଣା ଆଣ୍ଡ୍ରଏଡ୍ ଫୋନ୍ କିମ୍ବା ଫିଚର ଫୋନରେ ଦିଆଯାଇ ନାହିଁ । ଏଥିପାଇଁ ଆପଣଙ୍କୁ ଅନ୍ୟ ଉପାୟ ଅନୁସରଣ କରିବାକୁ ପଡିବ । ଅନେକ ଦେଶରେ କଲ୍ ରେକର୍ଡିଂକୁ ବେଆଇନ ଘୋଷଣା କରାଯାଇଛି । ଏହି କାରଣରୁ କଲ୍ ରେକର୍ଡିଂ ହେଲେ ବିପ୍ ସାଉଣ୍ଡ ଶୁଣା ଯାଇଥାଏ । ସେଥିପାଇଁ କଲ୍ ସମୟରେ ଆପଣଙ୍କୁ ବିପ୍ ସାଉଣ୍ଡ ପ୍ରତି ଧ୍ୟାନ ଦେବାକୁ ପଡିବ । କଲ୍ ସମୟରେ ଯଦି ଏକ ବିପ୍-ବିପ୍ ସାଉଣ୍ଡ ହେଉଛି, ତେବେ ଏହାର ଅର୍ଥ ହେଉଛି ଯେ ଆପଣଙ୍କର କଲ୍ ରେକର୍ଡ କରାଯାଉଛି । କଲ୍ ଉଠାଇବା ପରେ ଯଦି ବହୁତ ସମୟ ଧରି ଏକ ବିପ୍ ସାଉଣ୍ଡ୍ ଥାଏ, ତେବେ ଆପଣ ଜାଣିପାରିବେ ଯେ ଆପଣଙ୍କ କଲ୍ ରେକର୍ଡିଂ ହେଉଛି ।




## ଘୋଡ଼ା ଖୁରାର ହ୍ରଦ ପର୍ଯ୍ୟଟନ

ଅଂଶୁପା ଏସିଆ ମହାଦେଶର ବଡ଼ ମଧୁର ଜଳ ହ୍ରଦ । କଟକ ଜିଲ୍ଲାରେ ଅବସ୍ଥିତ ଏହା ଏକ ମଧୁର ଜଳ ଓ ଅଶ୍ୱଖୁରାକୃତି ହ୍ରଦ । ଏହା ମହାନଦୀ କୂଳରେ, ବାଙ୍କୀ ବିପରୀତ ଦିଗରେ ପାଖାପାଖି ୧୪୧ ହେକ୍ଟର ଜମିରେ ବ୍ୟାପିଅଛି । ବାଙ୍କୀରେ ଅବସ୍ଥିତ ଏହି ହ୍ରଦ କଟକ ସହଠାରୁ ୭୦ କି.ମି ଦୂରରେ ଅବସ୍ଥିତ ଯାହା ଶୀତଦିନରେ ବହିରାଗତ ଚଢ଼େଇମାନଙ୍କ ପାଇଁ ଏକ ବାସସ୍ଥାନ ଭଳି କାମ କରିଥାଏ । ସରଣ୍ଡା ପାହାଡ଼ ପାଖରେ ଏହା ବାଉଁଶ ବଣ ଓ ଆମ୍ବ ତୋଟା ଭିତରେ ରହିଛି । ଅଂଶୁପା ହ୍ରଦରେ ନୌକା ଚାଳନା ଓ ମାଛଧରାର ସୁବିଧା ମଧ ଅଛି । ଗତ କିଛି ବର୍ଷ ହେଲା ସ୍ୱଳ୍ପ ବୃଷ୍ଟି ଯୋଗୁଁ ଅଂଶୁପା ଏବେ ଜରାଜୀର୍ଣ୍ଣ । ଶୁଖିଲା ପଡ଼ିବା କାରଣରୁ ଦଳ ମାଡ଼ିଗଲାଣି । ମାଛମାରି ଜୀବିକା ନିର୍ବାହ କରୁଥିବା ମତ୍ସଜୀବୀ ଜୀବିକା ହରାଇବାକୁ ବସିଲେଣି । ଅଂଶୁପା ସୌନ୍ଦର୍ଯ୍ୟ ହରାଇ ବସିଥିବା ବେଳେ ପାଣି ଅଭାବରୁ ଚାଷ ପ୍ରଭାବିତ ହେଉଛି । ଅପେକ୍ଷାକୃତ ସାନ ହେଲେ ମଧ ଏହି ସ୍ଥାନ ବିଚିତ୍ରବର୍ଣ୍ଣ । ଭ୍ରମଣଶୀଳ ପକ୍ଷୀମାନଙ୍କ ପାଇଁ ଶୀତଦିନରେ ସ୍ୱର୍ଗ ସଦୃଶ ହୋଇଥାଏ । ଏହି ହ୍ରଦର ଜଳର ପରିବ୍ୟାପ୍ତ ମତ୍ସ୍ୟ ଚାଷ, ନୌକା ବିହାର ପାଇଁ ଉତ୍ତମ ବିବେଚିତ ହୋଇଥାଏ । ଏଠାକୁ ବୁଲିବାକୁ ଆସିବାର ପ୍ରକୃଷ୍ଟ ସମୟ: ଅକ୍ଟୋବରରୁ ମାର୍ଚ୍ଚ ମାସ ।






## ଭାରତର ଭବ୍ୟ ରାଜପ୍ରସାଦ







ପୂର୍ବତନ ରାଜବଂଶଗୁଡ଼ିକ ପାଇଁ ସାରା ବିଶ୍ୱରେ ଭାରତ ପ୍ରସିଦ୍ଧ । ବିଭିନ୍ନ ରାଜପରିବାରର ଭବ୍ୟ ମହଲ ଆଜି ବି ଅକ୍ଷୁର୍ଣ୍ଣ ରହିଛି । ଏହି ହେରିଟେଜ୍ ପ୍ୟାଲେସ୍‌ଗୁଡ଼ିକ ଆମକୁ ଅତୀତର ଶାହୀ ପରିବାରର ରାଜକୀୟ ଜୀବନଶୈଳୀ ମନେପକାଇ ଦିଏ । ସାରା ଭାରତରେ ପ୍ରସିଦ୍ଧ କେତେକ ରାଜପ୍ରସାଦ ସମ୍ପର୍କରେ ଏହି ନିବନ୍ଧ ।



### ଅମ୍ବା ବିଳାସ ପ୍ୟାଲେସ:

କର୍ଣ୍ଣାଟକର ଅମ୍ବା ବିଳାସ ପ୍ୟାଲେସ ଭାରତର ସବୁଠାରୁ ସୁନ୍ଦର ମହଲ ମଧ୍ୟରୁ ଅନ୍ୟତମ । ଏଠାରେ ମୈଶୂରଶାହୀ ପରିବାରର ସଦସ୍ୟମାନେ ରହୁଥିଲେ । ଏହାକୁ ରୟାଲ ପ୍ୟାଲେସ ଅଫ୍ ମୈଶୂର ମଧ୍ୟ କୁହାଯାଏ । ଏହି ମହଲରେ ନିର୍ମାଣ କାର୍ଯ୍ୟ ୧୮୯୭ରେ ଆରମ୍ଭ ହୋଇ ୧୯୧୨ରେ ଶେଷ ହୋଇଥିଲା । ପରେ ଶାହୀ ପରିବାରର ଆର୍କିଟେକ୍ଟ ହେନରୀଙ୍କ ଦ୍ୱାରା ମହଲକୁ ବିସ୍ତାର କରାଇଥିଲେ । ଏହି ମହଲର ବାସ୍ତୁକଳା ହିନ୍ଦୁ, ମୁଗଲ, ଗୋଥିକ ଏବଂ ରାଜପୂତନା ଶୈଳୀରେ ନିର୍ମାଣ କରାଯାଇଛି । ଅମ୍ବାବିଳାସ ପ୍ୟାଲେସ ବୁଲିଦେଖିବାର ସବୁଠାରୁ ଭଲ ସମୟ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ । ଅମ୍ବା ବିଳାସ ପ୍ୟାଲେସରେ ୧୪ଟି ହିନ୍ଦୁ ମନ୍ଦିର, ଉଦ୍ୟାନ ଏବଂ ବଗିଚା ରହିଛି । ଏହି ମହଲରେ ମୈଶୂରର ପ୍ରସିଦ୍ଧ ଶାହୀ ଦଶହରା ପର୍ବକୁ ବେଶ୍ ଧୁମଧାମର ସହ ପାଳନ କରାଯାଏ ।

### ଉମେଦଭବନ ପ୍ୟାଲେସ:

ଜୋଧପୁରର ଉମେଦ ଭବନ ପ୍ୟାଲେସ ଶାହୀ ପରିବାରର ଆବାସୀ ସ୍ଥାନ ରୂପେ ସାରା ଭାରତରେ ପରିଚିତ । ଏହି ବିଶାଳ ପ୍ୟାଲେସରେ ୩୪୭ ପ୍ରକୋଷ୍ଠ ରହିଛି । ଏହି ମହଲକୁ ତିନୋଟି ଭାବରେ ବିଭକ୍ତ କରାଯାଇଛି । ପ୍ରଥମ ଭାଗରେ ଏକ ରାଜକୀୟ ହୋଟେଲ, ଦ୍ୱିତୀୟରେ ଶାହୀ ପରିବାରର ଘର ଏବଂ ତୃତୀୟ ଭାଗରେ ଏକ ମ୍ୟୁଜିୟମ ରହିଛି । ଏହାଛଡ଼ା ଏହି ମହଲର ମୁଖ୍ୟ ଆକର୍ଷଣ ଶାହୀ ପରିବାରର ଯାନବାହନ । ଏଠାରେ ଏକ ଗ୍ୟାଲେରୀ ରହିଛି ଯେଉଁଠାରେ ପର୍ଯ୍ୟଟକ ମାନେ ଆକର୍ଷଣୀୟ ଅଟୋମୋବାଇଲ ଦେଖିବାର ମଜା ଉଠାଇପାରିବେ ।

### ଲକ୍ଷ୍ମୀବିଳାସ ପ୍ୟାଲେସ:

ଗୁଜରାଟର ଏହି ମହଲ ଭାରତର ସବୁଠାରୁ ଭବ୍ୟ ମହଲ ମଧ୍ୟରୁ ଅନ୍ୟତମ । ଏହାକୁ ୧୮୯୦ ମସିହାରେ ନିର୍ମାଣ କରାଯାଇଥିଲା । ଏହି ମହଲର ଇଣ୍ଟିରିୟର୍ସ ଏବଂ ଡିଜାଇନ୍ ଏତେ ସୁନ୍ଦର ଯେ ପର୍ଯ୍ୟଟକ ଥରେ ଏଠାକୁ ଆସିଲେ ଫେରିବାକୁ ଇଚ୍ଛା କରନ୍ତି ନାହିଁ । ଏହି ମହଲ ବୁଲିଯିବାର ସବୁଠାରୁ ଭଲ ସମୟ ଅକ୍ଟୋବରରୁ ମାର୍ଚ୍ଚ । ଲକ୍ଷ୍ମୀ ବିଳାସ ପ୍ୟାଲେସ ବୁଲିବାକୁ ହେଲେ ପ୍ରତି ବ୍ୟକ୍ତିଙ୍କୁ ୧୭୦ଟଙ୍କା ଦେବାକୁ ପଡ଼ିଥାଏ । ମହଲର ସବୁଠାରୁ ବଡ଼ କଥା ହେଉଛି ଏହା ଲଣ୍ଡନର ବକିଂହମ୍ ପ୍ୟାଲେସ ଠାରୁ ୪ଗୁଣ ବଡ଼ । ଏହି ମହଲର ସ୍ଥାପତ୍ୟ ମରାଠା ଏବଂ ଇଣ୍ଡୋ-ସାରା ସୋନିକ ଶୈଳୀରେ କରାଯାଇଅଛି ।





### ଜୟ ବିଳାସ ପ୍ୟାଲେସ:

ମଧ୍ୟପ୍ରଦେଶର ଜୟବିଳାସ ପ୍ୟାଲେସ୍ ବୁଲିଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ମାସ ସବୁଠାରୁ ଭଲ ସମୟ । ଏହି ବିଶାଳ ମହଲର ନିର୍ମାଣ ୧୮୭୪ ମସିହାରେ କରାଯାଇଥିଲା । ମହଲକୁ ଦେଖିବା ପାଇଁ ଟିକଟ କାଟିବାକୁ ପଡ଼ିଥାଏ । ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଟିକଟ ମୂଲ୍ୟ ୧୦୦ ଯଙ୍କା, ବିଦେଶୀ ପର୍ଯ୍ୟଟଙ୍କ ପାଇଁ ୬୦୦ ଟଙ୍କା ଏହାର କ୍ଷେତ୍ରଫଳ ୧୨,୪୦,୭୭୧ ବର୍ଗଫୁଟ । ଏହି ରାଜକୀୟ,ମହଲରେ ୪୦୦ କୋଠରୀ ରହିଛି । ବିଶାଳ ମହଲର ବାସ୍ତୁକଳା ଇତାଲୀୟ, ଟସ୍କନ ଏବଂ କୋରିଥିୟନ୍ ଶୈଳୀରେ ପ୍ରଦର୍ଶିତ କରାଯାଇଛି ।

### ଉଜ୍ଜୟନ୍ତା ପ୍ୟାଲେସ:

ଅଗରତାଲାର ଉଜ୍ଜୟନ୍ତା ପ୍ୟାଲେସ ଭାରତର ରୟାଲ ପ୍ୟାଲେସଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ନିର୍ମାଣ ୧୮୯୯ରୁ ୧୯୦୧ ମସିହା ମଧ୍ୟରେ କରାଯାଇଥିଲା । ଏହି ମହଲ ବୁଲିବାକୁ ଯିବାର ସବୁଠାରୁ ଉତ୍ତମ ସମୟ ଡିସେମ୍ବରରୁ ମାର୍ଚ୍ଚ । ଉଜ୍ଜୟନ୍ତ ପ୍ୟାଲେସ ବର୍ତ୍ତମାନ ଏକ ରାଜ୍ୟ ସଂଗ୍ରହାଳୟ ରୂପେ ପରିଚିତ ଯେଉଁଠି ଭାରତର ସମୁଦାୟ ଜୀବନଶୈଳୀ, କଳା ଏବଂ ସଂସ୍କୃତିର ସନ୍ତକ ରହିଛି । ଏହି ମହଲର ୨୫୦ ଏକର ମଧରେ ରହିଛି ଏକ ସିଂହାସନ କକ୍ଷ, ଦରବାର ହଲ, ପୁସ୍ତକ ହଲ ଏବଂ ଗୋଟିଏ ସ୍ୱାଗତ କକ୍ଷ ।





# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

ବୁଧବାର, ୨୭ ଜୁଲାଇ ୨୦୨୨

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସ୍ଥିର ଦରବୃଦ୍ଧି....

ନିକଟ ଅତୀତରେ ବିଭିନ୍ନ ଖାଉଟି ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ଫଳରେ ସାଧାରଣ ଜନତା, ବିଶେଷକରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଅତି କଷ୍ଟରେ ଦିନ କାଟିବାକୁ ବାଧ୍ୟ ହେଉଛନ୍ତି। ଜୁନ୍ ୨୦୨୨ ପାଇଁ ସଦ୍ୟତମ ତଥା ଖାଉଟି ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫୀତି ୭.୦୧ ପ୍ରତିଶତ ଏବଂ ପାଇକାରୀ ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫୀତି ୧୫.୧୮ ପ୍ରତିଶତ ହୋଇଥିବା ଦର୍ଶାଇଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ, ଯେଉଁଗୁଡ଼ିକ ଖାଉଟିମାନଙ୍କ ଦ୍ୱାରା ସାମନା କରାଯାଉଥିବା ଖୁଚୁରା ମୂଲ୍ୟଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ତାହା ବର୍ଷ ପରେ ବର୍ଷ ଆଧାରରେ ଚଳିତ ବର୍ଷ ଜୁନ୍ ମାସରେ ୭.୭୫ ପ୍ରତିଶତ ବଢ଼ିଥିଲା। ଡବ୍ଲ୍ୟୁପିଆଇ ସଂଖ୍ୟା ପାଇକାରୀ ବ୍ୟବସାୟରେ ବ୍ୟବସାୟୀମାନଙ୍କ ଦ୍ୱାରା ସାମନା କରାଯାଉଥିବା ବର୍ଦ୍ଧିତ ମୂଲ୍ୟର ଏକ ସୂଚକାଙ୍କ। ଖୁଚୁରା ମୂଲ୍ୟଗୁଡ଼ିକ କେବଳ ଯେ ସାଧାରଣ ଖାଉଟିମାନଙ୍କୁ ହାତ ବାନ୍ଧି ଦେଉଥିବା ସମ୍ପର୍କରେ ତଥ୍ୟ ସୂଚନା ପ୍ରଦାନ କରୁଛି, ତା ନୁହେଁ, ଏଥିରୁ ଜାଣିହୋଇ ଯାଉଛି ଯେ ବ୍ୟବସାୟ କରିବାର ମୂଲ୍ୟରେ ବୃଦ୍ଧି ଘଟିବା ଫଳରେ ଭବିଷ୍ୟତ ମଧ୍ୟ ମଳିନ୍ ଦିଶୁଛି। ମୁଦ୍ରାସ୍ଫୀତିର ହାରକୁ ଦୂରେଇ ରଖିବାପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଚିରାଚରିତ କୌଶଳ ଭାବରେ ସୁଧହାରକୁ ବୃଦ୍ଧି କରିଥାଏ। ଚଳିତଥର ଆରବିଆଇ ଏହି କୌଶଳକୁ ସାମାନ୍ୟ ବିଳମ୍ବରେ କାମରେ ଲଗାଇ ଥିବାବେଳେ ଏହା ଆଶାନୁରୂପ ଭାବରେ କିଛି କାମ ଦେଉନାହିଁ। ଖାଉଟିମାନଙ୍କ ଉପରେ ଏହା ଯେଉଁ ପ୍ରଭାବ ପକାଉଛି, ତାହା ହେଉଛି- ଅଧିକ ସୁଧ ହାର ସହିତ ଋଣ ପରିଶୋଧ କରିବାର କିସ୍ତିଗୁଡ଼ିକ ଅଧିକ ପରିମାଣର ହେଉଥିବା ବେଳେ ନୂଆ ଋଣ କରିବା ଅଧିକ ବ୍ୟୟବହୁଳ ହେଉଛି। ଏସବୁ ଚିନ୍ତାଜନକ କଥା ବାଦ୍ ଭାରତ ସରକାର ସାଧାରଣ ଖାଉଟିଙ୍କୁ ପ୍ରଭାବିତ କରିବା ଭଳି ବେଶ୍ କେତେକ ସାମଗ୍ରୀ ଓ ସେବା ଉପରେ ସାମଗ୍ରୀ ଓ ସେବା ଟିକସର ସମୀକ୍ଷା ତଥା ବୃଦ୍ଧି କରାଯାଇଛି, ସେଗୁଡ଼ିକ ମଧ୍ୟରେ ରହିଛି କିଛି ସଂଖ୍ୟକ ଖାଦ୍ୟ ସାମଗ୍ରୀ, ହସପିଟାଲ ପ୍ରକୋଷ୍ଠ, ହୋଟେଲ ପ୍ରକୋଷ୍ଠ, ବ୍ୟାଙ୍କର ଚେକ, ଏଲଇଡି ବଲବ ଓ ସୋଲାର ହିଟର ବା ସୌରଶକ୍ତିରେ ଚାଳିତ ହିଟରଗୁଡ଼ିକ। ଏଗୁଡ଼ିକ ହେଲେ ଅତ୍ୟାବଶ୍ୟକ ସାମଗ୍ରୀ ନୁହନ୍ତି ବରଂ ଏସବୁ ସାମଗ୍ରୀ ଖାଉଟିମାନଙ୍କ ପାଇଁ ଆକର୍ଷଣୀୟ କରାଯିବାର ଆବଶ୍ୟକତା ରହିଛି, ଯଥା ବିକଳ୍ପ ଏବଂ ସ୍ୱଳ୍ପ ଶକ୍ତିରେ ଅଧିକ କାମ କରିପାରୁଥିବା ଉପକରଣ ସମୂହ। ସେହିଭଳି ପର୍ଯ୍ୟଟନ ଓ ବ୍ୟବସାୟିକ ଟ୍ରାଭେଲ ଏଜେନ୍ସିଗୁଡ଼ିକ ମହାମାରୀ ଯେତେବେଳେ ଅଧିକ ବ୍ୟାପି ଯାଇଥିଲା, ସେ ସମୟରେ ଯଥାକଥା ବଂଚିବାର ସଂଘର୍ଷ କରି ଚାଲିଥିଲେ। ହୋଟେଲ ପ୍ରକୋଷ୍ଠଗୁଡ଼ିକ ବ୍ୟୟସାପେକ୍ଷ କରିବା ଏହି ଉଦ୍ୟୋଗ କ୍ଷେତ୍ର ପାଇଁ ଆଦୌ ସୁସମାଚାର ନୁହେଁ। ଏହି ବର୍ଗରେ ରହିଥିବା ବ୍ୟବସାୟୀମାନେ ଏସବୁ ସଂଶୋଧନ ଏବଂ ବାରମ୍ବାର ଦରଦାମରେ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଥିବା ଜଟିଳତାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି।

କେନ୍ଦ୍ର ସରକାର ଭଲ ଭାବରେ ଜାଣିଛନ୍ତି ଯେ ବ୍ୟାପକ ଭାବରେ ବ୍ୟବହାର ହେଉଥିବା ସାମଗ୍ରୀଗୁଡ଼ିକ ପାଇଁ ଏକ ଛୋଟ ଧରଣର ଦର ସଂଶୋଧନ ପରୋକ୍ଷ କର ରାଜସ୍ୱକୁ ବୃଦ୍ଧି କରାଇଥାଏ। ପରନ୍ତୁ, ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ଏଭଳି ପରିବର୍ତ୍ତନ କରାଗଲେ ଟିକସ ରାଜସ୍ୱ ସେତିକି ବୃଦ୍ଧି ପାଇନଥାଏ। ନିର୍ବାଚନୀ ସମର୍ଥନ ହରାଇବା ଆଶଙ୍କାରେ ପ୍ରତି ସରକାର ପ୍ରତ୍ୟକ୍ଷ କରର ଆଧାର ବୃଦ୍ଧି କରିବାରେ ବିଫଳ ହୋଇଛନ୍ତି। ପରୋକ୍ଷ କରର ବାରମ୍ବାର-ବ୍ୟବହାର ହେଉଥିବା ସାଧନ କିନ୍ତୁ ପ୍ରତ୍ୟାବର୍ତ୍ତୀ। ଟିକସ ହାରରେ ଆର୍ଥିକ ବର୍ଷର ଅଧାରେ ପରିବର୍ତ୍ତନ କରାଯିବା ଖରାପ ଆର୍ଥିକ ଶୃଙ୍ଖଳାର ଏକ ଉଦାହରଣ। ବ୍ୟବସାୟୀ ଓ ଖାଉଟିମାନେ ଟିକସ ଫାଙ୍କିବାକୁ ଉଦ୍ୟମ କରିବେ, ଯେମିତି ହେଉଥିଲଣ ଅର୍ଥନୀତିକ ସଂସ୍କାର ପୂର୍ବରୁ। ମୁଦ୍ରାସ୍ଫୀତି ଏତେ ଶୀଘ୍ର ହ୍ରାସ ପାଇବାର ସମ୍ଭାବନା କ୍ଷୀଣ। ସରକାର ଯେତିକି ଅଟକଳ କରିଛନ୍ତି, ଟିକସ ରାଜସ୍ୱ କ୍ଷେତ୍ରରେ ସେତିକି ପରିମାଣର ବୃଦ୍ଧି ହୋଇ ନପାରେ। ଅଧିକ ଟିକସ ଏବଂ ବର୍ଦ୍ଧିତ ମୁଦ୍ରାସ୍ଫୀତି ଯଦି ଆଉ ଅଧିକ ବୃଦ୍ଧି ହୁଏ, ତା'ହେଲେ ସାମଗ୍ରୀକ ଭାବରେ ଚାହିଦା ଆହୁରି କମିଯିବା ଦେଖାଯିବ। ଏସବୁ ଆରବିଆଇ ଏବଂ ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ଅର୍ଥନୀତିକ କୌଶଳ କ୍ଷେତ୍ରରେ ସଂଯୋଗରେ ଅଭାବ ରହୁଥିବାର ଏକ କୌତୁହଳୀ ଅଭାବକୁ ପ୍ରତିଫଳିତ କରୁଛି।

## ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ



### ଅକ୍ଷୟ କୁମାର ରାଉତ

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ। ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍ୱାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ ଜଣେ



ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବୈମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜ ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ। କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ। ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କାରଗିଲ ବିଜୟ ଦିବସର ଅନୁଚିନ୍ତା



### ପ୍ରଦୀପ୍ତ ଆଚାର୍ଯ୍ୟ

ଆମ ଦେଶରେ ପାଳିତ ହେଉଥିବା ଜାତୀୟ ପର୍ବ ମାନଙ୍କ ପରି, କାରଗିଲ ବିଜୟ ଦିବସ ଅନ୍ୟତମ ପାଳିତ ଦିବସ। ଯଦିଓ ଏହା ଜାତୀୟ ଦିବସର ମାନ୍ୟତା ପ୍ରାପ୍ତ ହୋଇନାହିଁ, ତଥାପି ଏହା ପ୍ରତ୍ୟେକ ଭାରତୀୟ ମାନଙ୍କ ମନରେ ଉଗ୍ର ଜାତୀୟତା ବୋଧ ସୃଷ୍ଟି କରିଥାଏ। କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଅମର ଯବାନ୍ ମାନଙ୍କ ସ୍ମୃତି ଏବଂ ସମ୍ମାନାର୍ଥେ ୧୯୯୯ ମସିହା ଜୁଲାଇ ୨୬ ତାରିଖ ଠାରୁ ଜାତି ଧର୍ମ ବର୍ଣ୍ଣ, ଆଂଚଳିକତା ନିର୍ବିଶେଷରେ, ଦେଶର କୋଣ ଅନୁକୋଣର ପ୍ରତ୍ୟେକ ସଚେତନ ଭାରତୀୟ ଏହି ଦିବସଟିକୁ ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହର ସହିତ ପାଳନ କରି ଆସୁଛନ୍ତି। ଭାରତୀୟ ମାନଙ୍କ ମନରେ ଜାତୀୟତା ଭାବର ଉଦ୍ରେକ ତଥା ଦେଶକୁ ଶତ୍ରୁ କବଳରୁ ରକ୍ଷାକରି , ଦେଶର ଅଖଣ୍ଡତା ବଜାୟ ରଖିବା ନିମନ୍ତେ ନିଜର ପ୍ରାଣ ବିସର୍ଜନ କରିଥିବା ସହିଦ ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। କାରଗିଲ ବିଜୟ ଦିବସର ଇତିହାସ, ଜାମୁ କାଶ୍ମୀର ସ୍ଥିତ ଲଦାଖ ଅଂଚଳର କାରଗିଲ ନାମକ ସ୍ଥାନରେ, ଭାରତ ଓ ପାକିସ୍ଥାନ ମଧ୍ୟରେ ସଂଘଟିତ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧର ଇତିହାସ।

୧୯୪୭ ମସିହା, ଭାରତର ସ୍ୱାଧୀନତା ପରଠାରୁ, ଭାରତ ଓ ପାକିସ୍ଥାନ ମଧ୍ୟରେ ମନୋମାଳିନ୍ୟ ଏବଂ ଦ୍ୱନ୍ଦ ଏକ ସାଧାରଣ ଓ ଦୈନନ୍ଦିନ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତ ଏକ ଶାନ୍ତିକାମୀ ରାଷ୍ଟ୍ର ଏବଂ ପାକିସ୍ଥାନ ସହିତ ବିଭିନ୍ନ ସମୟରେ ବିଭିନ୍ନ ଶାନ୍ତିଚୁକ୍ତି ସଂପାଦିତ ହୋଇଥିଲେ ମଧ୍ୟ, ପାକିସ୍ଥାନ ଚୁକ୍ତି ଉଲଙ୍ଘନ କରି ବାରମ୍ବାର ଭାରତ ମଧ୍ୟକୁ ଗୁପ୍ତରେ ସନ୍ତ୍ରାସବାଦୀ ମାନଙ୍କୁ ଅନୁପ୍ରବେଶ କରାଇ ଭାରତର ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ କରାଇବା ନିମନ୍ତେ ସଦା ସର୍ବଦା ଚେଷ୍ଟିତ। ୧୯୭୧ ମସିହାରେ ଭାରତ, ପୂର୍ବ ପାକିସ୍ଥାନକୁ ପାକିସ୍ଥାନ କବଳରୁ ମୁକ୍ତ କରାଇ, ବାଂଲାଦେଶ ନାମରେ ଏକ ସ୍ୱାଧୀନ ରାଷ୍ଟ୍ର ଗଠନରେ ସହାୟତା ପ୍ରଦାନ କରିବା ପୂର୍ବକ,୧୯୭୧ ମସିହା ଡିସେମ୍ବର ୩ ତାରଖରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ହୋଇଥିଲା। ଯାହାଦ୍ୱାରା ପାକିସ୍ଥାନ ଶୋଚନୀୟ ଭାବରେ ପରାଜୟ ବରଣ କରି ନିସର୍ତ ଆତ୍ମ ସମର୍ପଣ କରିଥିଲା। ପରାଜୟ ଗ୍ଲାନିରେ ଜର୍ଜରିତ ହୋଇ ପାକିସ୍ଥାନର ଭାରତ ପ୍ରତି ଘୃଣା ଓ ଅସନ୍ତୋଷର ବହ୍ନି ଅଧିକ ପ୍ରଜ୍ୱଳିତ ହେବାକୁ ଲାଗିଲା। ସେହି ପ୍ରଜ୍ୱଳିତ ଅଗ୍ନିରେ ଘୃତ ପ୍ରଦାନ କଲା ପରମାଣୁ ପରୀକ୍ଷଣ। ବାଂଲାଦେଶ ସ୍ୱାଧୀନତାର ପ୍ରତିଶୋଧ ନେବା ପାଇଁ, ପାକିସ୍ଥାନ ଜାମୁ କାଶ୍ମୀରକୁ ସଦାସର୍ବଦା ଏକ ଅସ୍ତ୍ର ରୂପେ ବ୍ୟବହାର କରି ଭାରତକୁ ବିଭାଜନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିଲା। ୧୯୯୯ ମସିହାରେ ଭାରତ ଓ ପାକିସ୍ଥାନ ମଧ୍ୟରେ ଏକ ଶାନ୍ତିଚୁକ୍ତି ସଂପାଦିତ ହୋଇଥିଲେ ମଧ୍ୟ, ପାକିସ୍ଥାନ ତାହା ଉଲଘଂନ କରି ବାରମ୍ବାର ନିୟନ୍ତ୍ରଣ ରେଖା ପାରହୋଇ



ଭାରତକୁ ଅନୁପ୍ରବେଶ ଜାରି ରଖିଲା। ଭାରତ ସର୍ବଦା ପାକିସ୍ଥାନ ଆଡକୁ ବନ୍ଧୁତ୍ୱର ହସ୍ତ ପ୍ରସାରଣ ସତ୍ତ୍ୱେ, ପ୍ରତି ବଦଳରେ ପାକିସ୍ଥାନ ଅଖଣ୍ଡ ଭାରତକୁ ବିଭାଜିତ କରିବା ଉଦ୍ଦେଶ୍ୟରେ ସଦା ସର୍ବଦା, ସମଝୋତା ଏକ୍ସପ୍ରେସ ବୋମା ବିସ୍ଫୋରଣ, ପାର୍ଲିଆମେଂଟ ଆକ୍ରମଣ, ବମ୍ବେ ଆକ୍ରମଣ, ବାରଣାସୀ ଆକ୍ରମଣ ପରି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ରୁ କେବେହେଲେ ବିରତ ହୁଏନାହିଁ। ପାକିସ୍ଥାନୀ ସୈନ୍ୟ ବାହିନୀ ଏକ ସାଙ୍କେତିକ ଶବ୍ଦର ବ୍ୟବହାର ଦ୍ୱାରା ଅନୁପ୍ରବେଶ ପୂର୍ବକ, ଜାମ୍ମୁ କାଶ୍ମୀର ଓ ଲାଦାଖର ଜନସାଧାରଣଙ୍କ ସହିତ ସମ୍ପର୍କର ଘନିଷ୍ଠତା ସୃଷ୍ଟିକରି, ସେମାନଙ୍କୁ ଭାରତ ବିରୁଦ୍ଧରେ ଉସକାଇ, ଭାରତର ୧୩୦ ରୁ ୨୦୦ ବର୍ଗ କିଲୋମିଟର ପରିମିତ ଅଂଚଳକୁ ନିଜ ଅକ୍ତିଆରକୁ ନେଇ ଆସିଲା। ୧୯୯୯ ମସିହା ଫେବୃଆରୀ ୯ ତାରିଖରେ ଆମ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ବ୍ୟାହତ କରାଇଥାଏ।

ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପାକିସ୍ଥାନର ନଓାଜ ସରିଫ୍‌ଙ୍କ ମଧ୍ୟରେ ଲାହୋର ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ, ପାକିସ୍ଥାନର ଏତାଦୃଶ ଜବର ଦଖଲକୁ ପ୍ରତିହିତ କରିବା ନିମନ୍ତେ ଭାରତୀୟ ସାମରିକ ବିଭାଗ ଅପରେସନ୍ ବିଜୟ ନାମକ ଏକ ଅଭିଯାନ ଆରମ୍ଭ କରିଥିଲେ। ଶୀତରତୁର ସୁଯୋଗ ନେଇ ବରଫାବୃତ ସିଆଚିନ ଅଂଚଳରେ ପାକିସ୍ଥାନୀ ଅନୁପ୍ରବେଶକାରୀ ୧୯୯୯ ମସିହା ମେ ମାସ ୩ ତାରିଖରେ ସର୍ବପ୍ରଥମେ ଭାରତୀୟ ସୈନ୍ୟବାହିନୀ ଉପରେ ସିଧାସଳଖ ଆକ୍ରମଣ ଆରମ୍ଭ କରିଥିଲେ। ଯାହାର ଜବାବ୍ ସ୍ୱରୂପ ଭାରତୀୟ ସାମରିକ ବିଭାଗ ଅପରେସନ ବିଜୟକୁ ସକ୍ରିୟ କରାଇଥିଲା। ଦୁଇ ପରମାଣୁ ଶକ୍ତ ଅଧିକାରୀ ରାଷ୍ଟ୍ର ଦୀର୍ଘ ଦୁଇମାସ କାଳ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ। ଭାରତୀୟ ସାମରିକ ବିଭାଗ ତରଫରୁ ଏହି ଯୁଦ୍ଧରେ ଅନେକ ସୈନ୍ୟ, ଏବଂ ବାୟୁସେନା ଦ୍ୱାରା ମିଗ ୨୭, ମିଗ୨୯, ମିରେଜ ୨୦୦୦ ସାହାଯ୍ୟରେ ଆର ୭୭ କ୍ଷେପଣାସ୍ତ୍ର ବ୍ୟବହୃତ ହୋଇଥିଲା। ଏହି ଯୁଦ୍ଧରେ ଉଭୟ ପକ୍ଷରୁ ବହୁ ଧନ ଜୀବନ କ୍ଷୟକ୍ଷତି ହୋଇଥିଲା। ସର୍ବଶେଷରେ ଭାରତୀୟ ସୈନ୍ୟବାହିନୀ ପାକିସ୍ଥାନ ଅଧିକୃତ ଅଂଚଳକୁ ମୁକ୍ତ କରାଇବାରେ ସକ୍ଷମ ହୋଇଥିଲେ ଏବଂ ଜୁଲାଇ ମାସ ୨୬ ତାରିଖରେ ଯୁଦ୍ଧର ପରିସମାପ୍ତି ଘଟିଥିଲା। ଭାରତୀୟ ସୈନ୍ୟବାହିନୀ ର ୫୨୭ ଜଣ ସୈନିକଙ୍କ ବଳିଦାନର ସ୍ମୃତି ତଥା କାରଗିଲ ଯୁଦ୍ଧରେ ବୀରତ୍ୱର ସହିତ ଯୁଦ୍ଧ କରିଥିବା ସମସ୍ତ ସୈନିକଙ୍କ ସମାନାର୍ଥେ, ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ତିନି ସେନାବାହିନୀର ମୁଖ୍ୟ ତଥା ଅନେକ ବରିଷ୍ଠ ନେତୃବୃନ୍ଦ, ଇଣ୍ଡିଆ ଗେଟ ନିକଟରେ ଥିବା ଅମର ଯବାନ ଜ୍ୟୋତି ନିକଟରେ ସେମାନଙ୍କର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥାନ୍ତି। ଅମର ଯବାନ ସ୍ମୃତି ସ୍ତମ୍ଭ ନୂଆଦିଲ୍ଲୀ ନିକଟରୁ ୧୧ ଗୋଟି ସହର ନଗର ମଧ୍ୟଦେଇ ଏକ ବିଜୟ ଜ୍ୟୋତି, କାରଗିଲ ଯୁଦ୍ଧସ୍ଥଳିର ସ୍ମୃତିସ୍ଥାନକୁ ନିଆଯାଇଥାଏ।

ଇତ୍ୟବସରରେ ଦୀର୍ଘ ୨୧ଟି ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ଭାରତ ତାର ସାମରିକ ଶକ୍ତି କ୍ଷେତ୍ରରେ ଯଥେଷ୍ଟ ଅଭିବୃଦ୍ଧି ଘଟାଇ ପାରିଛି। କରୋନା ମହାମାରୀ ପରି ଭୟଙ୍କର ପରିସ୍ଥିତିରେ ମଧ୍ୟ, ଚୀନ୍ ପରି ବୃହତ ଶକ୍ତିର ବିସ୍ତାରବାଦ ନିତୀକୁ ମୁହଁତୋଡ ଜବାବ୍ ଦେଇ ପାରିଛି। ଭାରତର ଦାମ୍ଭିକତା ଏବଂ ଅନ୍ୟାନ ବୃହତ ଶକ୍ତି ସମ୍ପନ୍ନ ଦେଶ ମାନଙ୍କର ଭାରତକୁ ଖୋଲାଖୋଲି ସମର୍ଥନ, ଚୀନ୍‌ର ମନୋବଳକୁ ହ୍ରାସ କରାଇ ତାକୁ ଗଲଓାନ ଘାଟିରୁ ପଛଘୁଂଚା ଦେବାପାଇଁ ବାଧ୍ୟ କରିଛି। ଆଜି କାରଗିଲ ବିଜୟ ଦିବସ ପାଳନ ଅବସରରେ, ଦଳ ମତ ନିର୍ବିଶେଷରେ ଆମେ ସମସ୍ତେ ଏକତ୍ରିତ ହୋଇ ଦେଶର ଅଖଣ୍ଡତା ଏବଂ ସ୍ୱଧୀନତା ବଜାୟ ରଖିବା ପାଇଁ ଦୃଢ଼ ଶପଥ ନେବା ଯଦ୍ୱାରା ଶତ୍ରୁରାଷ୍ଟ୍ର ଆମ ସାଙ୍ଗରେ ଦ୍ୱନ୍ଦ କରିବା ପାଇଁ ଦୁଇଥର ଚିନ୍ତା କରିବା ପାଇଁ ବାଧ୍ୟ ହେବ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦






## ଅବାଞ୍ଛିତ ନିଷ୍ଠୁରତା

### ନୂତନ କୁମାର ବେହେରା

ଏତେ ରାଗ ତୁମର
ଆଖି ତ ଦପ୍ ଦପ୍ ନିଆଁହୁଳା
ଚାହାଁଣି ତାର ତାତିଲା ଝାସ
ନିଶ୍ୱାସ ପ୍ରଶ୍ୱାସ ଫଁ ଫଁ
ଯେମିତି ନାଗସାପର ଫୁତ୍କାର
କଥା କଣ୍ଟା ଫୋଡ଼ିଲା ପରି
ଲାଗେ କଲିଜାକୁ
ହସ ତ ତୁମ ମୁହଁରେ ନାହିଁ
ଦିଶ ରୁକ୍ଷ ପାହାଡ଼ର
ନିର୍ମମ ଶିଳାଖଣ୍ଡ
ଚିତ୍କାର ତୁମର ଲାଗେ
ହିଂସ୍ର ଶାର୍ଦ୍ଦୁଳର ଗର୍ଜନ ପରୀ
ଚାଲି ଯେମିତି
ଉଦ୍ଦାମ ଘୋଡ଼ାର ଦୌଡ଼
ଅଚାନକ ଆସି ପହଞ୍ଚିଲେ
କର ବୋମା ବିସ୍ଫୋରଣ
ତୁମର ସଂପର୍କ ସବୁ
ଝଡ଼ର ବିପର୍ଯ୍ୟସ୍ତ ଧ୍ୱଂସାବଶେଷ
କାହିଁକି ତୁମର ଏ ଆସ୍ପର୍ଦ୍ଧା
କଣ ପାଇଁ ଏତେ ଗର୍ବ ଦାମ୍ଭିକତା
ଏ ଅବାଞ୍ଛିତ ନିଷ୍ଠୁରତା...
ନିଜକୁ ପଚାରିଛ କେବେ
ତୁମକୁ ବୁଝାଇବା ଅପେକ୍ଷା
ପଥରରେ ମୁଣ୍ଡ ବାଡେଇବା ଭଲ
କେତେ ଦିନ ପାଇଁ ଏ ଅହମିକା
କଣ ଧନ ପାଇଁ ନା କ୍ଷମତା ପାଇଁ
ନା ଏ ମୋହଗ୍ରସ୍ତ ନିଶା
ତୁମଠୁ ଦୂରେ ଯାଇ
ବରଂ ଏକା ଏକା ରହିବି
ଯେତେ ବି କଷ୍ଟ ଆସୁ
ତୁମ ବିଷର ଜ୍ୱାଳାରେ
ଛଟପଟ ହୋଇ
ମୁହୂର୍ତ୍ତେ ବଂଚିବାକୁ ଚାହେଁନି
ତୁମ ସାଥେ ସାଥୀ ହେବା
ଥିଲା ଏକ ମର୍ମନ୍ତୁଦ ଦୁର୍ଘଟଣା।

+ବାରିପଦା, ମୟୂରଭଞ୍ଜ

## ଆ ଲୋ ଧାଇଁ ବରଷା ରାଣୀ

### ଜୟନ୍ତ କୁମାର ମଲ୍ଲିକ୍



ବରଷା ରାଣୀଲୋ ବରଷା ରାଣୀ
ତୋପାଇଁ ଅନେଇ ଅଛି ଧରଣୀ
ବରଷିବୁ ବୋଲି ରହିଛୁ ଚାହିଁ
ଚାଷୀଙ୍କ ମନରେ ଆନନ୍ଦ ପାଇଁ ।
ହଳ କରି ଚାଷୀ ରୋଇବେ ଧାନ
ଚାଷରେ ରହିବ ଚାଷୀଙ୍କ ମନ ।
ଏବେ ବିଲବାଡ଼ି ଶୁଖିଲା ଅଛି
ଦୁଷ୍ଟ ଝିଅ ପରି ଆସିବୁ ନାଚି ।
ବିଲ ଗାଡ଼ିଆକୁ ଭରି ତ ଦେବୁ
ଆମ ମନେ ହସ ଖୁସି ଆଣିବୁ ।
ଚଞ୍ଚଳ ଆସିବୁ ନ କରି ଡେରି
ଚାଷୀମାନେ ତୋତେ ହେଲେଣି ଝୁରି ।
ରାଣ ମୋ ରହିଲା ଭୁଲିବୁ ନାହିଁ
ଆମ ଅନୁରୋଧେ ଆସିବୁ ଧାଇଁ ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭



## ପରିଚୟ

### ଡ଼ୋଲାମଣି ପ୍ରଧାନ

ଜୀବନର ପ୍ରତିଟି ମୁହୁର୍ତ୍ତରେ
ଭାବନାର ଜୁଆର ଉଠେ ,
ଆଶାର ସ୍ୱପ୍ନ ଦେଖେ ଏଭରେଷ୍ଟ୍
ଶୃଙ୍ଗ ଚଢିବି ନା ଆକାଶ ଛୁଇଁବି ,,
କ୍ଷଣିକ ପାଇଁ ସେହି ସ୍ୱପ୍ନ
ବିଫଳ ହୋଇ ପଡେ ।
ମନୁଷ୍ୟ ପାଲଟି ଯାଏ ଉଦାହରଣ
ମନୁଷ୍ୟ ସାମ୍ନାରେ ପ୍ରତିଟି ମୁହୁର୍ତ୍ତରେ ,
ସଜାଗ ହେବାକୁ ହୁଏ ରାସ୍ତାରେ
ଚାଲୁଥିବା ପଥିକ ଝୁଣ୍ଟି ପଡ଼େ ।
ଝୁଣ୍ଟି ପଡ଼େ ନୀଳ
ରଙ୍ଗର ପ୍ରଜାପତୀ ଜୀବନର ,
ଅଙ୍କା ବଙ୍କା ଅଝଟ ପ୍ରେମରେ ।
ଏହି ମଣିଷ ବୁଝି ପାରେନା ନିଜ
ପରିଚୟ ନିଜକୁ ନିଜେ ଖୋଜେ ,,
ନିଛାଟିଆ ଅନ୍ଧାର ରାସ୍ତାରେ ।

+କଣ୍ଟାମାଳ , କେସିଙ୍ଗା
କଳାହାଣ୍ଡି
ମୋ: ୯୫୫୬୨୦୩୭୯୫

## ତୁମେ ମୋର ଅବଶୋଷ

### ରମେଶ ଚନ୍ଦ୍ର ନାୟକ



କେତେ ମୁଁ ଖୋଜୁଛି ଠିକଣା ତୁମର
ଲେଖିବାକୁ ଚିଠି ଖଣ୍ଡେ
ଫୋଅନ ନମ୍ବର କେତେ ପଚାରିଛି
କେହି ନ ଦିଅନ୍ତି ମୋତେ ।
ପଚାରି ବୁଝନ୍ତି ରହିଛ କେଉଁଠି
କେମିତି କାଟୁଛ ଦିନ
ପାଇଛ କି ନାହିଁ ହୃଦୟ ସେମିତି
ଯେମିତିକା ତୁମ ମନ ।
ଥିଲ ଦିନେ ମୋର ଅତି ଆପଣାର
ତୁମ ପ୍ରେମେ ଗଲି ହଜି
ବଧୂ ହେଲା ପରେ କେମିତି ଦିଶୁଛ
ଦେଖନ୍ତି ଅତିଥି ସାଜି ।
ଦାମୀ ଉପହାର ନାହିଁ ପାଶେ ମୋର
କେମିତି ଯିବି ମୁଁ ଖାଲି
ଦୁଇ ଟୋପା ଲୁହ ରଖିଛି ସାଇତି
ଉପହାର ଦେବି ବୋଲି ।
ଆଶା ନାହିଁ ମୋର ଅତିଥି ସତ୍କାର
ହସ ମୁହେଁ ଦେଖା ଦେବ
ତୁମ ବିନା ସାଥୀ ବଞ୍ଚିବି କେମିତି
ପଚାରିକି ବୁଝିନେବ ।
ତୁମେ ମୋ' ସପନ
ତୁମେ ମୋ' ଜୀବନ
ତୁମେ ଥିଲ ଭବିଷ୍ୟତ
ମୋତେ ନ କହିଲ ଆଉ କା'ର ହେଲ
ଅନ୍ଧାରେ ଖୋଜୁଛି ପଥ ।
ଭାବ ପ୍ରବଣରେ କହି ମୁଁ ଦେଲିରେ
ଧରିବନି ମୋର ଦୋଷ
କେତେ ଦିନ ହେଲା ଭାବୁଛି କହିବି
ତୁମେ ମୋର ଅବଶୋଷ ।

+କେଶରପୁର , ବକ୍ସି ବଜାର ,
କଟକ
ମୋ :- ୭୯୭୮୧୫୧୭୧୦

## ବିଶ୍ୱାସ

### ବାପିନି ସିଂ



ସୁଦୃଢ ହୃଦୟରୁ ଏଇ ବଳିଷ୍ଠ ଭାବନା
କାହା ପାଇଁ ଆଶା ଉନ୍ମାଦନା
ଗୋରାଖ ଯୋଗାଏ ଆଗେ ବଢିବାକୁ
କେବେ ଦିଏ ମନକୁ ସାନ୍ତ୍ୱନା ।
ଅଭ୍ୟୁଦୟ ଆଣେ ନିରାଶାରୁ ଆଶା
ସମୟକୁ ଦେଇପାରେ ଛାଣି
ଋତୁ ଫଗୁଣର ରଙ୍ଗ ସମ୍ଭାର ଭିତରେ
ଲେଖେ ନୂଆ ଭାବର କାହାଣୀ ।
ସଂକଳନ କରିଚାଲେ ହୃଦୟର ବହି
ଦେଇ ନୂତନ ରଙ୍ଗ ରୂପ
ବିଚ୍ଛିନ୍ନତା ମନେ ଆଣେ ଅଖଣ୍ଡର ତତ୍ତ୍ୱ
ରଚିବାକୁ ଶାନ୍ତି ଧୈର୍ଯ୍ୟ ସ୍ତୁପ ।
ପ୍ରଚ୍ଛଦପଟର ଏଇ ଜୀବନ ସଂହତିରେ
କେବେ ବୁଣେ ଜୀବନେ ଉନ୍ନତି
ନିଘୋଡ଼ ନିଦରୁ ଉଠାଏ କେବେ ସିଏ
ବୁଝିବାକୁ ନୂତନ ରଚିତ ପଂକ୍ତି ।
ଅଦୃଶ୍ୟ ପ୍ରାୟ କିନ୍ତୁ ଭାରି ବଳବାନ୍
ପଙ୍ଗୁକୁ ଲଙ୍ଘାଏ ସେ ଗିରି
ବେଳେବେଳେ ତିକ୍ତମୋହ ତାଡ଼ନାରେ
ଦିଏ ସୁସ୍ଥ ଜୀବନର ଶିରୀ ।
ବିଶ୍ୱାସ ଅଛି ବୋଲି ନିଃଶ୍ୱାସ ଚାଲେ
ଖୋଲି କହେ ହୃଦୟର ଭାଷା
ଯନ୍ତ୍ରଣା ଜର୍ଜରିତ କଦର୍ଯ୍ୟ ଜୀବନରେ
ନୁହେଁକି ଏ ସ୍ୱତନ୍ତ୍ର ଅନ୍ୱେଷା ।

+ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର ,ବାଲେଶ୍ୱର
ଦୂରଭାଷ : ୯୯୩୭୮୨୦୮୩୧

ସୃଜନ ସ୍ୱାକ୍ଷର

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ବୁଧବାର, ଜୁଲାଇ ୨୭, ୨୦୨୨ ୫



ଲାବଣ୍ୟ ନାୟକ

ଦେବୀଦ୍ୱାର, ଯାଜପୁର

ମୋ: ୮୭୬୩୦୭୦୭୯୮

କବି ଏକ ଦିବ୍ୟ ଆତ୍ମସନ୍ତୋଷର ପୁଣ୍ୟାତ୍ମାଟିଏ । କବିତାର ଉତୁଙ୍ଗ ଶିଖରକୁ ଆରୋହଣ କରିବାର ପ୍ରୟାସରେ ଥାଏ ଚିରକାଳ । କବିର ସୂକ୍ଷ୍ମ ଦୃଷ୍ଟି ହିଁ ତା' କବିତାର ଅରାଏ ମାଟି । ଯୋଉ ମାଟିରେ ପାଦ ଦେଇ ସିଏ ଆକାଶରେ ଉଡିବାର ସ୍ୱପ୍ନ ଦେଖେ । ଛାତ୍ର ଜୀବନରୁ ସୃଜନମନସ୍କ କବି ଲାବଣ୍ୟ ନାୟକ ଜୀବନର ଜଂଜାଳ ଆଡେଇ ପୁଣିଥରେ କବିତାର ଭାବଭୂମିରେ ବିଚରଣ କରିବାର ଯେଉଁ ସ୍ୱପ୍ନ ଦେଖିଛନ୍ତି ଓ ତାକୁ ସାକାର କରିବାରେ ଆଗ୍ରହୀ ହୋଇଛନ୍ତି, ତାହାହିଁ ସବୁଠୁ ବଡ ଆଶ୍ୱାସନା । ହୃଦୟର ସହଜାତ ବୃତ୍ତି ହେଉଛି ଆତ୍ମ ପ୍ରକାଶନ । କବି ହୃଦୟର ଏହା ଏକ ଅନିର୍ବାର୍ଯ୍ୟ ଓ ଅପରିବର୍ତ୍ତନୀୟ ପ୍ରବଣତା । 'ନୀଳ ନଈ ଡେଇଁ' କବିଙ୍କର କାବ୍ୟ ସାଧନାର ପ୍ରଥମ ସ୍ତବକ । ସଂକଳନଟି କବିଙ୍କ ଦରଦୀ ଭାବାବେଗ ଓ ମରମୀ ମାନସିକତାର ମାର୍ମିକ ଉଚ୍ଚାରଣ । କବିତାରେ ପାଠକଙ୍କ ମନକୁ ବାନ୍ଧି ରଖିପାରୁଥିବା କବି ଲାବଣ୍ୟ ନାୟକ ଆଜିର ସୃଜନ ସ୍ୱାକ୍ଷର ପୃଷ୍ଠାରେ...




# ପ୍ରାପ୍ତି ଅପ୍ରାପ୍ତିର କାଉଁରୀ ସ୍ପର୍ଶରେ ଚମକି ଉଠିଥିବା କବିତାର ସମାହାର 'ନୀଳ ନଈ ଡେଇଁ'

ଶିବ ଲୋକଟାକୁ ମୁଁ ଯେତେ ଦେଖେ ସେତେ ଆଶ୍ଚର୍ଯ୍ୟ ହୁଏ ? ଦେହ ସାରା ଧୂଳି ଭର୍ତ୍ତି, ଫିଂଧେ ଖଂଡେ ବାଘ ଛାଲ, ଗଂଜେଇ ଟାଣି ଦେଇ ଆମ ଗାଁ ମଶାଣିରେ ପଡି ରହେ ରାତି ପରେ ରାତି । ହୁସ୍ ନା ଧୁସ୍, ସକାଳୁ ବେଲ ପତ୍ର ଚୋବାଏ, ବେଳ ଗଡିଲେ ପାକଲା ବେଲରୁ କଳେ ଖାଇ ବସିପଡେ ଚୁପ୍ ଚାପ୍ ନିଃଝୁମ୍ ।

ଲୋକଟାର ବୁଦ୍ଧି ଶୁଦ୍ଧି ବି ବିଶେଷ ନାହିଁ, ନହେଲେ ସାପକୁ କିଏ ଲୁଗାରେ ଗୁଡାନ୍ତା ? ଛିଃ ଛିଃ କି ଲଜ୍ଜା, ଥରେ କୁଆଡେ ନାରଣ ବାବୁ ଗରୁଡ ପୁରେଇ ଭରା ସଭାରେ ତା ଲୁଗା ଖୋଲିଦେଲେ । ଝିଅ ଭୁଆସୁଣୀ ମାନେ ଆଖିରେ ହାତ ମଳିଲେ, ଲୋକଟା ଫେଁ କିନା ହସିଦେଇ ଚାଲିଗଲା, ନା ଲାଜ ନା ସରମ । ଏତେଟା ସରଳ ଲୋକ କ'ଣ ତିଷ୍ଟେ ମାର୍କେଟ୍‌ରେ ?

ତିଷ୍ଟିବା କଥା ତ ନୁହଁ ? ତଥାପି ଶିବ ଅଛନ୍ତି । ଆମ ଗାଁ ରେ ଶିବ ରାତ୍ରି ଦିନ ଅନୁଢା କିଶୋରୀ ଠୁ ଅଶତୀ ପାର ଦରବୁଢୀ ସବୁ ଯାଇ ତା ମଂଦିର ଆଗରେ ଧାଡି ଲଗାନ୍ତି । କିଂତୁ କାହିଁକି ? ଧନ ଦଉଲତ ? ଯାହାର ନିଜ ଘର ଦ୍ୱାରର ଠିକ୍ ନାହିଁ ସେ କୁଆଡୁ ଆଣିବ ଯେ ଢାଳିବ ? ଯଉବନ ? ଯାହା ରୂପ ପାଉଁଶ ତଳେ ବଂଦୀ ତା ପାଖରୁ ଅଂତତଃ ଏତକ କେହି ଆଶା କରିବେନି ସେ ପ୍ରତି ମୁଁ ନିଃସନ୍ଦେହ । ତେବେ କ'ଣ ? ବୁଢୀମାନେ ଚାହାନ୍ତି ମଲା ପରେ ତାର ସାନ୍ନିଧ, ଆମ ଘରକୁ ନୂଆ ବାହା ହେଇ ଆସିଥିବା ହିମାଂଶୁ କକା ସ୍ତ୍ରୀ ଚାହେଁ ଶିବ ଭଳି ଗୋଟେ ପୁଅ, ଅମାଣିଆ ସାଇର ଲଳିତା ଚାହେଁ ତା ବର ହଉ ଶିବ ଭଳି......

ଶିବ ଭଳି ? କିଂତୁ କାହିଁକି ? କ'ଣ ଅଛି ତା ଭିତରେ ? ଅଛି, ଅଛି, ଗୁଡାଏ ଅଛି, ଯୋଉଟା ଆମ ଭଳି ନିଂଦୁକ ଆଖି କେବେ ପଡିବନି, ଯାହା ଦେଖିବାକୁ ହେଲେ ହବାକୁ ହେବ ତା ଭଳି ସରଳ, ହବାକୁ ହେବ ତା ଭଳି ବିରାଟ, ହବାକୁ ହେବ ଉଦାର, ହବାକୁ ହେବ ସାହସୀ । ଏତେ ସବୁ ଭିତରେ ଲକ୍ଷ୍ୟ କରିଛ, ଲୋକଟା ବେକରେ ଶାପ ବାଂଧେ, ଯାଇ ତାଇ ନୁହଁ, ଗୋଟେ ଚୋଟରେ ବଇକୁଣ୍ଠ ଦେଖେଇ ଦେବାର କ୍ଷମତା ଯାହାର । ସାପ ତଳକୁ ବେକସାରା ନୀଳ ଦାଗ । ଲୋକଟା କେବେ ବିଷ ନା ବିଷାଦ ଢକ ଢକ କରି ପିଇଦେଇଥିଲା । ତା ପରେ ହେଇଗଲା ନୀଳକଣ୍ଠ ।

ତା ମାନେ ବିଷର ରଂଗ କଣ ନୀଳ ? ହଁ ସ୍ୱପ୍ନ ବି ସେଇ ଏକା ରଂଗର । ଯୋଉଥିରେ ସଫଳ ହେଲେ ତମେ ନୀଳକଂଠ, ତମେ ଦିଗବିଜୟୀ ପୁରୁଷ, ଆଉ ଅସଫଳ ମାନେ ଆତ୍ମଘାତ, ଡିପ୍ରେସନ୍ ଅଥବା ବିଷାଦ । ସତରେ ଏତେ ଗୁଡେ କଥା ବହିର ମୁଖବଂଧରେ ମାତ୍ର ଚାରିଟି ଧାଡିରେ କହିପାରିବାର ଦକ୍ଷତା ରଖେ ଲାବଣ୍ୟ ନାନୀ ଅର୍ଥାତ୍ କବି ଲାବଣ୍ୟ ନାୟକ

'ଆଶା ବୈତରଣୀ, ସ୍ୱପ୍ନ ନୀଳ ନଈ । ତା ଭିତରେ ଏ କାଗଜଡଂଗାର ଯାତ୍ରା ଶବ୍ଦମୟ ମହାସମୁଦ୍ର ଆଡକୁ । ବାଟରେ ମେଘବର୍ଷା, ପାଣି ଭଉଁରୀ ଆଉ କେବେ ସୁଲୁ ସୁଲିଆ ପବନ ବି । ଅଧୁରାପଣ ଆଉ ପହଂଚିବା ପୂର୍ବରୁ ରାସ୍ତାରେ ହଜିଯିବା କାଗଜ ଡଂଗାର ଏକମାତ୍ର ଅନୁମେୟ ଭାଗ୍ୟ, ଏହା ଭଲ ଭାବରେ ଜାଣିଛି- ତଥାପି ଭାସି ଚାଲିଛି । ସାଗର ମୁହାଣରେ ମିଳିବାର ଅଦମ୍ୟ ଇଚ୍ଛା ଏକମାତ୍ର ଉପାୟ ?'

ସାଧାରଣ କଥା !!!! ଚିଂତା କଲାବେଳକୁ ମୋ ଆଖି କପାଳକୁ ଉଠୁଛି । ସେଇଆ ନୁହଁ ତ ଆଉ କ'ଣ ? ଜୀବନରେ ବିଶେଷ କ'ଣ ପାଇଛି ଯେ, କିଛି ପ୍ରାପ୍ତି ଅପ୍ରାପ୍ତିରେ ଭାସି ଚାଲିଛି, ସମୟେ ସମୟେ ମନେ ହେଇଛି ବୁଡି ଗଲା, ବୁଡି ଗଲା । କେତେବେଳେ ପ୍ରେମ ଆସିଛି; ଛୁଇଁଦେଇ ଯାଇଛି; ସେତେବେଳେ ମନେ ହେଇଛି ଭାଗ୍ୟବାନ । କିଂତୁ ତିଷ୍ଟିନି ବେଶି ଦିନ । ଏକଥା ତମେ ସ୍ୱୀକାର କର ବା ନକର ସ୍ୱୀକାର କରେ ମୋ ନାନୀ । ପ୍ରମାଣ ବି ଅଛି ଓଦାକାନି କବିତା ପୃଷ୍ଠାରେ-

'ତୁ ଛୁଇଁଦେଲେ /ନିଆଁ ପାଣି
ପାପ ପୁଣ୍ୟ / ସବୁକୁ ଇଚ୍ଛାମତେ
ସମାଧି ଦେଇଦିଏ
ପୁଣି ଆକାଶେ ସୁଖକୁ / ସାଉଁଟି ଆଣି
ଚାଂଗୁଡିରେ ଭରେ,
ଦୁଃଖକୁ ଖଣ୍ଡ ଖଣ୍ଡ କରି
ବିସର୍ଜନ କରୁଥାଏ / ଥରକୁ ଥର ।
+ + + + +
ଏଠି ଈଶ୍ୱର ବୋଲି /କେହି ନାହାନ୍ତି ମ
ଖାଲି ଯାହା ମିଛ ପ୍ରହସନ,
ଟିକିଏ ପବନରେ / ମୁହୂର୍ତ୍ତମାନେ ଏମିତି
ଚୂର୍ମାର୍ ହୁଅନ୍ତି
ଦର୍ପଣର କାଚ ହାତରୁ ଖସିଲା ପରି....'

ହା ହା ହା ହା......ସ୍ୱପ୍ନ ଦେଖିବା ମଣିଷ ହାତରେ । ଦେଖି ପାରେ ନଦେଖିବି ପାରେ । କିଂତୁ ସେ ସବୁ ପୁରଣ ହେବା ତା' ହାତରେ ନାହିଁ । ଅଧିକାଂଶ କ୍ଷେତ୍ରରେ ପୁରଣ ବି ହୁଏ ନାହିଁ । ତା' ବୋଲି କ'ଣ ସ୍ୱପ୍ନ ଦେଖା ବଂଦ ଅଛି, ଚାଲିଛି ଅବାରିତ ଗତିରେ,ପ୍ରତିନିୟତ ଚାଲିଛି ନିଜକୁ ଶିବ ଭଳି ସଜେଇବାର ପ୍ରଚେଷ୍ଟା । ଏ ବହି ବିଷୟରେ ବେଶି ତ କହି ହବନି, କହିଦେଲେ ଆଗ୍ରହ କମିଯିବ, କିଂତୁ ମୁଁ ନିରୁପାୟ ନକହିଲେ ରହି ବି ପାରୁନି । ସେଇ ପ୍ରାପ୍ତି ଅପ୍ରାପ୍ତିର କାଉଁରୀ ହାତର ପରଶରେ ଚମକି ଉଠିଥିବା 'ନୀଳ ମୋକ୍ଷ' କବିତାରୁ ତୋଳି ଦଉଛି କେତେ ପଦ-

+ + +
'ଖୋଜେ / ଅଲରା ହୋଇ ପଡିଥିବା
ଛାଇମାନଂକ ଭିତରୁ,
ଖୋଜେ ପଥର ପାଲଟି ଯାଉଥିବା
ଭରସାର ବାଲି ବଂଧରୁ,
ଖୋଜି ଚାଲିଥାଏ ଅହରହ
କାଂଥରେ ଝୁଲୁଥିବା / ଯୋଡେ ଆଖିରୁ,
ଶୁଖିଲା ଚଂପା ଫୁଲ ଦେହରୁ ।
+ + + +
ଲାଗେ ଯେମିତି କୋଉଠି
ଛିଡି ପଡିଥିବ / କପୋତର ଡେଣା
ମିଳୁ ନଥିବ ନୀଳ ଛଳନା ଜଳେ
ଭାସିଯାଇଥିବା /
ଗୋଟେ ଛଡାଫୁଲର ଠିକଣା ।
ତଥାପି ଖୋଜା ସରେନା ।'

କ'ଣ ଖୋଜା ଚାଲିଥିଲା ? ଜଣା ନାହିଁ? କିଂତୁ ମୋ ସହ ଏସବୁ ଅହରହ ଘଟେ । ହେଇପାରେ ଆପଣଂକ ସହ ବି । ମୁଁ ନାହିଁ ନଥିବା ସ୍ୱପ୍ନରେ ମସଗୁଲ୍ ହେଇଯାଏ, ଅବାସ୍ତବ କଳ୍ପାକାଶରେ ଭାସି ବୁଲେ, ଅଂଧାର ମୋ ଭବିଷ୍ୟତରୁ ତା'କୁ ଖୋଜି ଖୋଜି ଲହୁଲୁହାଣ ହୁଏ । ଡେଣା ଛିଡି ଯାଏ, ଆଶା ମରିଯାଏ । ଫେର୍ ଆସି ଜୁଟନ୍ତି ଗାଇଆଳ ଛୁଆଭଳିଆ ନୂଆ ଆଶା ମେଂଚେ । ଶିଖେଇ ବୁଝେଇ ନେଇଯା'ନ୍ତି ପୁଣିଥରେ ଅପହଂଚ ରାସ୍ତାରେ ।

କିଂତୁ ଏମିତି କେତେଦିନ ଚାଲନ୍ତା । ସାରାଦିନ ଭଂଗା ଗଢାରେ ମାତି; ରାତି ହେଲେ ଶରୀର କ୍ଳାନ୍ତ ହେଇ ପଡେ । ଆଉ ନୂଆ କିଛି ଭାବିବାକୁ ଇଚ୍ଛା ହୁଏନି । ସେତେବେଳେ ମନ ଯାଏ ଅତୀତ ଆଡକୁ । ସେ ଏବେ ଆଉ ନାହିଁ, କିଂତୁ କେବେ ତ ଦିନେ ଥିଲା, ଦେଇଥିଲା ଆଲିଂଗନ; ଦେଇଥିଲା ସାନ୍ନିଧ । ଆଃ କି ସୁଖର ସେ ଦିନ । ଏବେବି ଭାବିଲେ ମୁଁ ଶିହରିତ ହେଇ ପଡୁଛି । ଆଉ ମନେହଉଛି ଏ କବିତାଟା ବୋଧେ ମୋ ପାଇଁ ଲେଖା-

'ଆଜି ବି କସ୍ତୁରୀ ପରି / ବାସେ ମହ ମହ/
ପୁରୁଣା ଦିନ ମାନ / ବହି ଖାତା ପୋଷାକ କି
ଆଟାଚି ଭିତରେ / ରଖିଚ କି ମୋ ଚିଠି ଗୋପନ !
+ + +
ଗୋଟି ଗୋଟି କରି / ଆଂକି ରଖିଛି ଅଦୃଶ୍ୟ
/ଅଲିଭା କାଳିରେ ସବୁ ଚିହ୍ନ ! /ତମ ମୁହଁ
ବୋଧହୁଏ /ଚୋରେଇ ନେଇଛି ଚଇତି
ପବନ ।'

କର୍ପୂର କୁଆଡେ ଉଡିଗଲାଣି । ପଡିଛି ଖାଲି କନା ଖଣ୍ଡାକ । ବେଳେ ବେଳେ ତାକୁ ଖୋଲି ଦେଖିବାକୁ ଇଚ୍ଛା ହେଉଛି, ନାକ ପାଖକୁ ନେଲେ ମନ ଭରି ଯାଉଛି, ଆଉ ଯେତେ ଦିନ ଯାଉଛି ତା' ପ୍ରତି ମୋ ମୋହ ସେତେ ବଢି ଚାଲିଛି । ଦିନକୁ ଦିନ ତାଜା ହେଇ ଚାଲିଛି । ସ୍ମୃତିକୁ ନେଇ ମୁଁ ବି କେବେ କେମିତି ଏଇ ଲାବଣ୍ୟନାନୀ (ନାୟକ)ଙ୍କ ଭଳି ଲେଖିଥିଲି-

'ଜୀର୍ଣ୍ଣ ଶୀର୍ଣ୍ଣ ପୃଷ୍ଠାସବୁ କେବେ ସ୍ମୃତି ନୁହେଁ
ସେ ବର୍ତ୍ତମାନ କିମ୍ବା ଭବିଷ୍ୟତ ହେବ
ସ୍ମୃତି ସବୁବେଳେ ଅତୀତ,
ସେତେବେଳେ ସେ ଯୁବକ ଥିଲା ।'

ବାସ୍ତବ କଥା ନୁହଁ ? ସ୍ମୃତି କେବେ ବୃଦ୍ଧ ହୁଏ ? ପୁରୁଣା ହୁଏ ? ତୁମେ ମନ ପବନ ଘୋଡାରେ ଯେତେ ପଛେଇବ ସେତେ ତମ ଅତୀତ ଉଭାସିତ ହେବ; ସେଇଦିନ କଥା ସବୁ ମନେ ପଡିବ ଯେତେବେଳେ ତୁମ ବୟସ ଷୋହଳ କି ମୋ ଭଳି ବାଇଶି ଥିଲା ।

ଥାଉ, କହୁ କହୁ ଗୁଡାଏ କହି ପକେଇଲି ଅଭ୍ୟାସବଶତଃ । ଆଉ ବେଶି କହିଲେ ଭୋକ ମରିଯିବ । ଯାହାକି ଦେହ ପାଇଁ ଜମା ଭଲ ନୁହଁ । ଡାକ୍ତରମାନେ କହନ୍ତି ଭାତର ଭୋକ ତାହାରେ ମାରିଲେ ଶରୀରର ଅବନ୍ନତି । ତେଣୁ ବହିର ଭୋକ ଏ ଛୋଟ ସମୀକ୍ଷାରେ ନମାରି ବହିଖଣ୍ଡେ ଯୋଗାଡ କରନ୍ତୁ ।

କବିତା ବହିଟିର ନାଁ
'ନୀଳନଈ ଡେଇଁ...'



ସ୍ମୃତିରଂଜନ ପାଣିଗ୍ରାହୀ
କଲିକତା



କବୀ ଲାବଣ୍ୟ ନାୟକଙ୍କର ପ୍ରଥମ ପ୍ରକାଶିତ କବିତା ସଂକଳନ 'ନୀଳନଈ ଡେଇଁ'ର କଥା ଇଏ । ୩୭ଟି କବିତାକୁ ନେଇ ଛୋଟ ସଂକଳନଟିଏ । କବିତା ଗୁଡିକ ପଢିଲେ ଲାଗିବ ସେ ସବୁ ଯେମିତି ସ୍ୱତଃପ୍ରବୃତ ଭାବରେ ଆତ୍ମ ପ୍ରକାଶ କରି ଛଳଛଳ କଳକଳ ହୋଇ ବୋହି ଯାଉଛନ୍ତି । ପ୍ରକାଶଭଙ୍ଗୀ ଯେତିକି ସରଳ, ଭାବ ସେତିକି ଅନ୍ତରଙ୍ଗ । ଗଢଣରେ ଟିକିଏ ହେଲେ ବି ଜଟିଳତା ବା କୃତ୍ରିମତାର ଛାପ ନାହିଁ - ଠିକ୍ ନଈଟିଏ ଆପଣା ଛାଏଁ ବହିଯିବା ପରି । କବିତା ଗୁଡିକ ପଢିଲେ ମନ ଭିତରେ ଏକ ମଧୁର ଅନୁଭବ ଖେଳିଯାଏ । ଲାଗେ...ଆହାଃ...ଜୀବନକୁ କେତେ ଆବେଗପୂର୍ଣ୍ଣ ଅଥଚ ସୃଜନଶୀଳ ଭାବେ ପରଖନ୍ତି ସେ...କେତେ ନିଷ୍କପଟ ଭାବେ ଆପଣାଇ ନେଇଛନ୍ତି ପ୍ରତିଟି ଅନୁଭବକୁ...କେତେ ଆତ୍ମିୟ ଭାବେ ପୁଣି ସେ ସବୁକୁ ଉତ୍ତାରି ଦେଇଛନ୍ତି ଶବ୍ଦରେ ।

ହଁ... ମୋ ଜାଣିବାରେ ଲାବଣ୍ୟ ପ୍ରକୃତିଗତ ଭାବରେ ହିଁ ସେମିତି...ଯେତିକି ସ୍ନେହୀ ସେତିକି ନିଷ୍କପଟ । ତାଙ୍କୁ କେବେ ସାମ୍ନାସାମ୍ନି ଭେଟି ନଥିଲେ ମଧ ତାଙ୍କ ସହ ଫେସ୍‌ବୁକ୍ ଜରିଆରେ ଅନେକ ବର୍ଷରୁ ପରଚିତ । ଫେସ୍‌ବୁକ୍‌ରେ ଲେଖାଲେଖି କରୁଥିବା ସମସ୍ତ ନବୀନ, ପ୍ରବୀଣ ଓ ବରିଷ୍ଠ ସାହିତ୍ୟିକ ମାନଙ୍କର ସେ ଜଣେ ମୁଗ୍ଧ ପାଠିକା ଏବଂ ପ୍ରେରଣାଦାତ୍ରୀ । ପ୍ରତ୍ୟେକଙ୍କ ଲେଖାରେ ତାଙ୍କର ମତଟିଏ ନିଶ୍ଚୟ ଥିବ ହିଁ ଥିବ । ସାହିତ୍ୟ ପ୍ରତି ତାଙ୍କର ଆତୁରତା ଓ ଆଗ୍ରହ ହିଁ ତାଙ୍କର ପରିଚୟ ।

-ମୃତ୍ୟୁଞ୍ଜୟ ବେହେରା



ଲାବଣ୍ୟ ନାୟକଙ୍କର ପ୍ରଥମ କବିତା ସଂକଳନରେ ସୁନ୍ଦର କବିତାର ସମାହାର । କେବଳ ନଈ ନୁହେଁ, ଅନେକ କିଛି ନୀଳ ଏଥିରେ, ନୀଳ ଅସିତା, ନୀଳ ଈର୍ଷା, ନୀଳ ମୋକ୍ଷ, ନୀଳ ଛାଇ, ପାପର ରଙ୍ଗହୀନ ନୀଳ ଅନ୍ଧାର, ନୀଳ ଫଗୁଣ ଓ ପ୍ରେମମୟ ନୀଳରେ ସବୁ ନୀଳ । ବନ୍ଧୁତାର ଦ୍ୱାହି ଦେଇ ପ୍ରେମ ଅନୁରାଗ, ପାପୁଲିଏ ଖରା ଭଳି କବିତା ସବୁକୁ ନିର୍ବିକାର ଭାବେ ନିର୍ନିମେଷ ବାଣ୍ଟି ପାରିଛନ୍ତି, 'ନୀଳ ନଈ ଡେଇଁ'ରେ, ଏ ନୀଳିମା ଆକାଶ ବ୍ୟାପ୍ତି ଲାଭକରୁ ।

-ବିଭୂଦତ୍ତ ନାୟକ



ଏହି କବିତା ସଂକଳନଟି ପଢିବା ସମୟରେ ନୀଳନଈରେ ପହଁରିବାର ମୁଗ୍ଧ ଅନୁଭବରେ ମନ ବିଭୋର ହେଲା । ଭାବ ଛଳଛଳ କବିତାରେ ତାଙ୍କର ନୀଳସ୍ୱପ୍ନ ନେଇ ସେ କାଗଜ ଡଙ୍ଗାରେ ଯାତ୍ରା କରିଛନ୍ତି । ସାଗର ମୁହାଣରେ ମିଳିବାର ଅଦମ୍ୟ ଇଚ୍ଛାରେ ନୀଳନଈ ଯାତ୍ରାରେ ଯେତେ ବାଧା ବିଘ୍ନକୁ ଗଭୀର ବିଶ୍ୱାସରେ ସାମ୍ନା କରି ନୀଳ ତରଙ୍ଗରେ ତଲ୍ଲୀନ ହେବାପାଇଁ ତାଙ୍କର ପ୍ରାଣ ବ୍ୟାକୁଳିତ ହୋଇଛି, ସେଥିପାଇଁ ଲାବଣ୍ୟ କହନ୍ତି...

ମାଟି କଳସୀରେ/ ଭରୁ ଭରୁ ପ୍ରେମକୁ
ଉଚ୍ଛୁଳି ପଡୁଥିଲା ଯାହା/ ଚାହୁଁ ଚାହୁଁ ବୋହିଗଲା
ନୀଳ ନଈଟିଏ ହୋଇ ...

- ଉଷା ଶତପଥୀ



ଲାବଣ୍ୟ ନାୟକ

# ମନକୁ ଆନ୍ଦୋଳିତ କରୁଥିବା ଚିତ୍ର ବା ଚରିତ୍ରକୁ କବିତାରେ ଲେଖେ ମୁଁ ...

ମୁଁ ମୋ କଥା କଣ ଲେଖିବି ଏଯାଏ ଭାବିପାରି ନାହିଁ । ଜୀବନର ଅନେକ ସମସ୍ୟା ଭିତରେ ମୁଁ ଏବେ ପୁଣି ଥରେ ଲେଖିବା ଆରମ୍ଭ କରିଛି । ଦୀର୍ଘ ଦିନଧରି ସଂସାର ଯାବତୀୟ ଜଂଜାଳ ଭିତରେ ରହି ପ୍ରାୟ ୨୦୦୭ ମସିହାରୁ ଲେଖା ବନ୍ଦ କରିଦେଇଥିଲି ୨୦୧୪ ମସିହା ପର୍ଯ୍ୟନ୍ତ । ବିବାହ ପୂର୍ବରୁ କହିବାକୁ ଗଲେ ମୁଁ ପ୍ରାୟ ଷଷ୍ଠଶ୍ରେଣୀରୁ କବିତା ଲେଖିବା ଆରମ୍ଭ କରିଛି । ଶ୍ରେଣୀର ସାହିତ୍ୟ ଦିଦିଙ୍କ ପ୍ରେରଣା ବା ପ୍ରଶ୍ନରେ ମୁଁ ପ୍ରଥମ କବିତା ଲେଖି ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରିଥିଲି । ସେହିଦିନୁ ସାହିତ୍ୟ ଦିଦିଙ୍କ ପ୍ରେରଣାରେ ବହୁତ ଛୋଟ ଛୋଟ କବିତା ଲେଖିଛି । ସେସବୁ କବିତାକୁ ସାହିତ୍ୟ ଦିଦି ଅନେକ ପତ୍ର ପତ୍ରିକାରେ ବାହାର କରିଛନ୍ତି । ସେତେବେଳେ ମୋର ଏ କବିତା ପ୍ରତି ଏତେ ଆକର୍ଷଣ ବଢ଼ିଥିଲା ଯେ, ଘରେ କ୍ଲାସ ରୁମ୍‌ରେ, ଟିଉସନ୍‌ରେ ଯୋଉଠି ଯୋଉ ଖାତା ପାଏ କବିତା ଲେଖି ଦିଏ ଦି ଧାଡ଼ି, ଯାହା ମନକୁ ଆସେ । ସେହି କବିତା ଲେଖା ଲାଗି ବହୁଥର ବାପାଙ୍କଠାରୁ ମାଡ଼ ବି ଖାଇଛି । ମାଡ଼ ଖାଇ କିଛିଦିନ କବିତା ଲେଖା ବନ୍ଦ କରିଦିଏ ସିନା, ପୁଣି ଲୁଚି ଲୁଚି ଲେଖା ଆରମ୍ଭ କରେ । ଦଶମ ଶ୍ରେଣୀ ଯାଏ ପ୍ରାୟ ସାହିତ୍ୟ ଦିଦି ମୋ କବିତାକୁ ନେଇ ବିଭିନ୍ନ ପତ୍ର ପତ୍ରିକାରେ ବାହାର କରନ୍ତି । ମୁଁ ଘରର ଠିକଣା ଦେଇଥାଏ, ପତ୍ରିକାଟିଏ ଠିକଣା ଖୋଜି ଆମଘରେ ଆସି ବାପାଙ୍କ ହାତରେ ପଡ଼େ ଓ ବାପା ଚୁପ୍‌ଚାପ୍ ପଢ଼ନ୍ତି । ଆଉ ମୁଁ ସ୍କୁଲରୁ ଫେରିଲେ ବହେ ଲେଖାଏ ମାଡ଼ ଖାଏ । କବିତା ପାଇଁ ମାଡ଼ ଖାଇବା ଯେମିତି ମୋର ଅଭ୍ୟାସରେ ପଡ଼ିଗଲା ଦିନକୁ ଦିନ । ପ୍ରାୟ ସପ୍ତାହରେ ସବୁଦିନ କିଛି ନା କିଛି ପତ୍ରିକା ଆମ ଘରକୁ ପୋଷ୍ଟରେ ଆସେ ଓ ସେ ସବୁକୁ ବାପା ତାଙ୍କ ଟିଣ ବାକ୍ସରେ ସାଇତି ରଖନ୍ତି । ସେସବୁ ପତ୍ରିକାକୁ ମୋ ସାନ ଭଉଣୀ ଦେଖିକି ମତେ କହେ । କିନ୍ତୁ ବାପା ମତେ ଜଣାନ୍ତି ନାହିଁ ଯେ ମୋ ଲେଖା ପ୍ରକାଶିତ ହୋଇଥିବା ପତ୍ରିକା ଘରକୁ ଆସିଛି ବୋଲି । ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଆଠଦଶଦିନ ଥାଏ, ରାତିରେ ପାଠ ପଢ଼ିଲା ବେଳେ ମୋର ଗୋଟେ କବିତା ମନେ ପଡ଼ିଗଲା । ମୁଁ ସେଇ ଗଣିତ ଖାତାରେ ଲେଖିଦେଲି ଆଠଦଶ ଲାଇନ୍‌ର କବିତା । ହଠାତ୍ ବାପା ମୋତେ ପଛରୁ ଦେଖୁଛନ୍ତି ବୋଲି ମୁଁ ଜାଣିନଥିଲି । ଗଣିତ ଆସୁନି ବସିକି ଏଠି କବିତା ଲେଖୁଛି କହି ଏମିତି ବାଡ଼େଇଲେ ଯେ ସେଇଦିନୁ କବିତାକୁ ମୁଁ ଛି କରିଦେଇଥିଲି । ସ୍କୁଲ ସରିଲା, କଲେଜ ଆରମ୍ଭ ହେଲା । କଲେଜରେ ମାଗାଜିନ୍ ପାଇଁ ଲେଖା ଦରକାର ପଡ଼ିଲା, ସମସ୍ତେ ମୋ ନାଁ ଦେଲେ କବିତା ଦେବାକୁ । ସେତେବେଳେ ମତେ ଡର ଲାଗିଲା ପୁଣି ବାପାଙ୍କଠୁ ମାଡ଼ ଖାଇବିନି ତ ! କଲେଜ ମାଗାଜିନ୍ ପାଇଁ ମୁଁ ପ୍ରାୟ ୧୦/ ୧୨ ଜଣ ସାଙ୍ଗଙ୍କ ଲାଗି କବିତା ଲେଖି ଦେଇଛି । କିନ୍ତୁ ସବୁ କବିତା ମୁଁ କଲେଜରେ ବସି ସାଙ୍ଗମାନଙ୍କ ଖାତାରେ ହିଁ ଲେଖେ ।

ହଁ, ମୁଁ କବିତା ଲେଖେ । ଯେଉଁ ଦୃଶ୍ୟ ମୋତେ ବିଚଳିତ କରେ, ମନକୁ ଆନ୍ଦୋଳିତ କରେ, ସେଇ ଚିତ୍ର ବା ଚରିତ୍ରକୁ ମୁଁ କବିତାରେ ଲେଖେ । ସମାଜର ଘଟୁଥିବା ନାନା ସମସ୍ୟାକୁ ନଲେଖିଲେ ମନ ଭାରି ଭାରି ଲାଗେ । ମତେ ଭାରି ଛଟପଟ କରେ ଚରିତ୍ରମାନଙ୍କ ଯନ୍ତ୍ରଣା । ଋତୁଙ୍କୁ ରଙ୍ଗୀନ ହେବାର ଦେଖିଲେ ମୁଁ କବିତା ଲେଖେ, କେବଳ କବିତା ହିଁ ଲେଖେ । ଅନେକ ଅକୁହା କଥାକୁ କବିତାରେ ରୂପ ଦେବାକୁ ମତେ ଭଲ ଲାଗେ । ନୂଆ କରି ବାଲିଘର ତୋଳିଲେ ଯେମିତି ଭାଙ୍ଗେ ପୁଣି ଗଢ଼େ, ମୁଁ ସେମିତି କବିତା ଲେଖେ । ଦୀର୍ଘ ଏଗାର ବର୍ଷ ଲେଖା ବନ୍ଦ କଲା ପରେ, ମୋ ଘରୁ ଆଣିଥିବା ସବୁ ଡାଇରୀ ଓ କବିତା ବହି ପତ୍ରପତ୍ରିକା ଦେଖି ମୋ ସ୍ୱାମୀ କହିଲେ ତମର ଏତେ ସୁନ୍ଦର କଳା ଅଛି ତମେ ଲେଖୁନ କାହିଁକି ? ଘରେ ଶାଶୁ ଶ୍ୱଶୁରଙ୍କ ଡରରେ ଶୁଣିକିବି ଅଣଶୁଣା କରେ ତାଙ୍କ କଥାକୁ । ଇଚ୍ଛା ହେଲେ ଡାଇରୀ ଧରେ ତ ନିଜେ ନିଜେ ଚୁପ୍ ଚୁପ୍ ପଢ଼େ । ଏମିତି ପୁଣି ପଢୁପଢୁ ସେସବୁ କବିତାକୁ ମୋର ସଜାଡ଼ିବାକୁ ଇଚ୍ଛା ହେଲା । ସ୍ୱାମୀ ମତେ ଖାତା କଲମ ଯୋଗେଇ ଦେଲେ, କହିଲେ ତୁ ଯେତେ ଲେଖୁଛୁ ଲେଖେ । ମୁଁ ଗୋଟେ ବହି ବାହାର କରିବି ତୋର ।

ପ୍ରାୟ କବିତା ସବୁ ସଜଡୁ ସଜାଡୁ ପୁଣିଥରେ ନୂଆ କବିତା ଲେଖିବାକୁ ଇଚ୍ଛା ହେଲା, ଲେଖିଲି ଧିରେ ଧିରେ ।

ତା'ପରେ ବଡ଼ ଫୋନ୍ ଆସିଲା । ସ୍ୱାମୀ ମୋର ଗୋଟେ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଦେଲେ । ବହିରେ ଯାହା ଲେଖୁଛୁ ଏଇଥିରେ ବି ଲେଖ୍ । ତାଙ୍କରି ପ୍ରେରଣାରେ ପୁଣିଥରେ ଲେଖା ଆରମ୍ଭ କରିଛି । ଆଉ ସେ ବି ମୋ କବିତା ସବୁକୁ ବହିଟିଏ କରିଛନ୍ତି । ବାସ୍ ଲେଖୁଛି ତ ଲେଖୁଛି, କେତେ ଭଲ ଲେଖୁଛି କେତେ ଖରାପ ଲେଖୁଛି ମୁଁ ଜାଣିନି । ମା ସରସ୍ୱତୀଙ୍କ ଆଶୀର୍ବାଦରୁ ଲେଖିବାର ପ୍ରୟାସ ଆଗକୁ ଜାରି ରଖିବି ନିଶ୍ଚୟ ।

# ମହୁଲର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ବିଷୟରେ ଜନଜାତି ଏସଏଚଜିମାନଙ୍କ ଦକ୍ଷତା ବୃଦ୍ଧି ତାଲିମ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ଜନଜାତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତଥା ମହୁଲ ଫୁଲ ସଂଗ୍ରହକାରୀମାନଙ୍କୁ ମହୁଲ ଫୁଲର ଉନ୍ନତ ପ୍ରକ୍ରିୟାକରଣ ଦିଗରେ ଉଦ୍ୟୋଗୀ କରି ସେମାନଙ୍କର ଅର୍ଥନୀତିକୁ ଅଗ୍ରଗାମୀ କରାଇବା ଦିଗରେ ଜୁଲାଇ ୨୫ ତାରିଖଠାରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତଥା ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରଯୁକ୍ତି ବିଜ୍ଞାନ ବିଭାଗ ତଥା ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଆଜାଦି କି ଅମୃିତ ମହୋତ୍ସବ ଅବସରରେ ମହୁଲର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ବିଷୟରେ ଜନଜାତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଦକ୍ଷତା ବୃଦ୍ଧି ତାଲିମର ଆୟୋଜନ କରାଯାଇଛି।

ଏହି ତାଲିମ କାର୍ଯ୍ୟକ୍ରମରେ ୩ଟି ପର୍ଯ୍ୟାୟରେ ପ୍ରାୟ ୧୦୦ ଜନଜାତି ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ ଓ ପ୍ରତ୍ୟେକ ପର୍ଯ୍ୟାୟର ଅବଧି ୩ ଦିନ ରହିବ । ପର୍ଯ୍ୟାୟ କ୍ରମେ ତାଲିମ ସୂଚୀ ୨୫ରୁ ୨୭ ଜୁଲାଇ, ୨୮ରୁ ୩୦ ଜୁଲାଇ ଓ ୨ରୁ ୪ ଅଗଷ୍ଟ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜନଜାତି ବହୁଳ ଜିଲ୍ଲାମାନଙ୍କରୁ ଜନଜାତି ମହିଳାମାନେ ଅଂଶଗ୍ରହଣ କରିଛନ୍ତି।

ଆଜି ପ୍ରଥମ ପର୍ଯ୍ୟାୟରେ ତାଲିମର ଉଦ୍‌ଘାଟନୀ ଉତ୍ସବରେ ଏସ୍‌ସିଏସ୍‌ଟିଆରଟିଆଇର ଉପଦେଷ୍ଟା ତଥା ନିର୍ଦ୍ଦେଶକ ତଥା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର (ଡ.) ଅଖିଳ ବିହାରୀ ଓଟା, ଓୟୁଏଟିର ଡିନ୍ ଡ. ସଂଜୟ କୁମାର ଦାସ, ଓୟୁଏଟି-ସିଏଇଟିର ବିଭାଗୀୟ ମୁଖ୍ୟ ଡ. କଳ୍ପନା ରାୟଗୁରୁ ତଥା ଉଭୟ ଅନୁଷ୍ଠାନର ବହୁ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ । ଓୟୁଏଟି-ସିଏଇଟିର ସହଯୋଗକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଦୁଇ ସହଯୋଗୀ ଅନୁଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ଅନେକ କାର୍ଯ୍ୟକ୍ରମ କରାଯାଇପାରିବ ବୋଲି ପ୍ରଫେସର ଡ. ଓଟା ଆଶାପୋଷଣ କରିଥିଲେ ।

## ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୨୬/୦୭ (ନି.ପ୍ର): ଆଜାଦିକା ଅମୃତ ମହୋତ୍ସବ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଦ୍ୟୁତ୍ କ୍ଷେତ୍ରରେ ହୋଇଥିବା ପ୍ରଗତିଏବଂ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ପାୱାର ୨୦୪୭ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ବିଦ୍ୟୁତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦିପ୍ତ କୁମାର ଦାସ, ଏସ୍‌ଡିଓ ଦେବେନ୍ଦ୍ର କୁମାର ସାହୁ, ସହକାରୀ ପରିଚାଳକ ସତ୍ୟ ପ୍ରସାଦ ସାହୁ, ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୭ ତାରିଖ ପୌରସଂସ୍ଥା ଟାଉନ ହଲ୍ ଠାରେ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରାପଡ଼ା ବିଧାୟକ, ବ୍ଲକ୍ ଚେୟାରମ୍ୟାନ, ମୁନିସିପାଲିଟି ଚେୟାରମ୍ୟାନ ପ୍ରମୁଖ ଉପସ୍ଥିତ ରହିବେ। ସେହିଭଳି ୨୯ ତାରିଖରେ ପଟ୍ଟାମୁଣ୍ଡାଇ କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏନ୍‌ଟିପିସି, ଓପିଟିସିଏଲ୍, ଟିପିସିଓଡିଏଲ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ବିଜୁଳି ଶକ୍ତି ସଂରକ୍ଷଣ ଉପଭୋକ୍ତା ଅଧିକାର, ପ୍ରତ୍ୟେକ ଗୃହକୁ ବିଦ୍ୟୁତ୍ ଯୋଗାଣ ସହ ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉତ୍ସବ ମାଧ୍ୟମରେ ପ୍ରାଧାନ୍ୟ ଦେବାକୁ ଲକ୍ଷ୍ୟ ରହିଛି ବୋଲି ସହକାରୀ ପରିଚାଳକ ସତ୍ୟ ପ୍ରସାଦ ସାହୁ ପ୍ରକାଶ କରିଛନ୍ତି।

# ଓଡ଼ିଶାରେ ମହିଳା ପୁଲିସଙ୍କ ସଂଖ୍ୟା ବଢ଼ିବ



ଭୁବନେଶ୍ୱର ,୨୬/୦୭ (ନି.ପ୍ର): ଜାତୀୟ ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋର ରିପୋର୍ଟ ଓ 'ଇଣ୍ଡିଆ ଜଷ୍ଟିସ୍' ରିପୋର୍ଟରେ ରାଜ୍ୟର ମହିଳା ବିରୋଧୀ ହିଂସା ଓ ଅପରାଧ ନିୟନ୍ତ୍ରଣ ସମ୍ବନ୍ଧୀୟ ତଥ୍ୟକୁ ଅନୁଧ୍ୟାନ କରି ଓଡ଼ିଶାରେ ମହିଳା ପୁଲିସ କର୍ମଚାରୀଙ୍କ ହାର ବୃଦ୍ଧି କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ପ୍ରତ୍ୟେକ୍ଷ ଚୟନ ସମୟରେ ୩୩% ହାରରେ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ସେମାନଙ୍କର ପ୍ରତିନିଧିତ୍ୱ ହାର କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ସୂଚନା ଦେଇଛନ୍ତି। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ପ୍ରଶ୍ନ ଜାତୀୟ ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋର ରିପୋର୍ଟ ଅନୁସାରେ ଓଡ଼ିଶା ପୁଲିସରେ ମହିଳା କର୍ମଚାରୀଙ୍କ ପ୍ରତିନିଧିତ୍ୱ ହାର ମାତ୍ର ୧୦.୧% ଥିବା ଯୋଗୁଁ ଓଡ଼ିଶାରେ ମହିଳା ବିରୋଧୀ ହିଂସା ଓ ଅପରାଧ ନିୟନ୍ତ୍ରଣ ହୋଇପାରୁନଥିବା ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟରେ ଇଙ୍ଗିତ କରାଯାଇଛି। ଏଦୃଷ୍ଟିରୁ ଓଡ଼ିଶାରେ ମହିଳା ପୁଲିସ କର୍ମଚାରୀଙ୍କ ହାର ୩୩%ରେ ପହଞ୍ଚିବାକୁ ଆଉ କେତେ ବର୍ଷ ଲାଗିବ ? ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ବେହେରା ଉପରୋକ୍ତ ସୂଚନା ଦେଇଛନ୍ତି।

# ଏକାମ୍ର ହାଟରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପରିଦର୍ଶନ କଲେ ମନ୍ତ୍ରୀ ରୀତା ସାହୁ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ଏକାମ୍ର ହାଟରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଜୁଲାଇ ୨୧ ତାରିଖଠାରୁ ଏକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କାରିଗରମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ଚାନ୍ଦୁଆ କାମ, ବାଉଁଶ କାମ, କାଠ ଖୋଦେଇ, ଲାଖ କାମ, କାଇଁଚ, ଶିଙ୍ଘ କାମ, ଟେରାକୋଟା, ରୂପା ତାରକଶି ଭଳି ୧୯ଟି ହସ୍ତଶିଳ୍ପର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି । ଏହି ପ୍ରଦର୍ଶନୀରେ ଭାଗ ନେଇଥିବା କାରିଗରମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ ଆଜି ସନ୍ଧ୍ୟାରେ ଏକାମ୍ର ହାଟ ପରିଦର୍ଶନ କରିଥିଲେ । ତାଙ୍କ ସହିତ ବରି ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ବ୍ରଜରାଜନଗର ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି ଓ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହନ୍ତ ପ୍ରଦର୍ଶନୀ ପରିଦର୍ଶନ କରି କାରିଗରମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ପରିଦର୍ଶକମାନେ ଏହି ହାଟରେ ଥିବା ସମୁଦାୟ ୮୩ଟି ଷ୍ଟଲରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ ତଥା ହସ୍ତତନ୍ତ ସାମଗ୍ରୀ ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବାର ସୁଯୋଗ ପାଇବା ସଙ୍ଗେ ସଙ୍ଗେ ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରୁଛନ୍ତି । ଏଥି ମଧ୍ୟରୁ ଉତ୍କଳିକା, କଳାଭୂମି, ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଓରମାସ୍ ଭଳି ସଂସ୍ଥାମାନଙ୍କୁ ୮ଟି ଷ୍ଟଲ ଆବଂଟନ କରାଯାଇଛି। ଏତଦ୍‌ବ୍ୟତୀତ ଏହି ହାଟରେ ଦର୍ଶକମାନଙ୍କ ପାଇଁ ୧୦ଟି ସ୍ୱତନ୍ତ୍ର ଜଳପାନ ଷ୍ଟଲ ଉପଲବ୍ଧ କରାଯାଇଛି। ସେହି ଷ୍ଟଲମାନଙ୍କରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଭାରତର ଅନ୍ୟ ପ୍ରାନ୍ତର ସୁସ୍ୱାଦୁ ଖାଦ୍ୟମାନ ଉପଲବ୍ଧ କରାଯାଉଛି । ସେହିପରି ପରିଦର୍ଶକ/ପ୍ରଦର୍ଶକ/କ୍ରେତାମାନଙ୍କ ସୁବିଧା ନିମନ୍ତେ ଏକାମ୍ର ହାଟ ପରିସରରେ ସମ୍ମିଳନୀ କକ୍ଷ, ମୁକ୍ତାକାଶ ମଂଚ, ଏଟିଏମ୍, ପାର୍କିଂ ସ୍ଥଳ ଓ କିଓସ୍କ ଆଦିର ସୁବିଧା ଉପଲବ୍ଧ କରାଯାଇଛି । ଏହି ପ୍ରଦର୍ଶନୀ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।

# କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୨୬/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଣ୍ଡୁରିଗୁଡା ଠାରେ ୨୦୨୧-୨୨ ଶିକ୍ଷାବର୍ଷ ର ସିବିଏସଇ ଦଶମ ପରିକ୍ଷା ଫଳ ପ୍ରକାଶିତ ହେଲା ପରେ ଏହି ଆଦର୍ଶ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି । ଚଳିତ ବର୍ଷ ପରିକ୍ଷା ଦେଇଥିବା ସମସ୍ତ ଛାତ୍ର ଛାତ୍ରୀ କୃତିତ୍ୱର ସହ ପାସ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରଶ୍ମି ରଞ୍ଜନ ଜେନା ୯୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିଲା ବେଳେ ଦିନେଶ କୁମାର ସାହୁ ୯୧ପ୍ରତିଶତ, ହସ୍ସିକା ପ୍ରିୟଦର୍ଶିନୀ ଦେ ୮୮ପ୍ରତିଶତ, ଅମିତ୍ ସିଲ୍ ୮୪ ପ୍ରତିଶତ, ଜ୍ୟୋତି ବ୍ରହ୍ମା ନନ୍ଦି ୮୨ ପ୍ରତିଶତ, ସୁକଦେବ ମାଢୀ ୮୦ ପ୍ରତିଶତ ମାର୍କରଖି କୃତିତ୍ୱ ହାସଲ କରିଛନ୍ତି । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ସାହୁ, ସମାଜସେବୀ ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନଙ୍କ ଉପସ୍ଥିତରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ଛାତ୍ରୀ ମାନେ ସେମାନଙ୍କର ଏହି କୃତିତ୍ୱ ନିମନ୍ତେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସାହୁ ଚଳିତ ଶିକ୍ଷାବର୍ଷରୁ ଏକାଦଶ ଶ୍ରେଣୀ ପାଠ୍ୟକ୍ରମ ସରକାର ଖୋଲିଥିବାରୁ ଏହି ଜିଲ୍ଲାର ଅନେକ ଛାତ୍ରଛାତ୍ରୀ ଶିକ୍ଷାଲାଭର ସୁଯୋଗ ପାଇପାରିବେ ବୋଲି ମତପୋଷଣ କରିଥିଲେ।

## ପାର୍ବତୀ ଗିରି ସେବା ସମ୍ମାନ ପାଇବେ ଡାକ୍ତର କୃଷ୍ଣ ପ୍ରସାଦ ବହିଦାର

ବଲାଙ୍ଗିର,୨୬/୦୭ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନ ତରଫରୁ ମାଆ ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ସମାରୋହ ପାଳନ କରାଯିବ । ଏହି ପାର୍ବଣରେ ବିଶିଷ୍ଟ ସେବକ ଡା. କୃଷ୍ଣ ପ୍ରସାଦ ବହିଦାରଙ୍କୁ ମର୍ଯ୍ୟାଦା ଜନକ "ପାର୍ବତୀ ଗିରି ସେବା ସମ୍ମାନ" ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏହି ସମାରୋହରେ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅନ୍ୟ ଦଶ ଜଣ ବ୍ୟକ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯିବ । ଏଥି ପାଇଁ ଟିକ୍ରାପଡା ଦଧିବାମନ ମନ୍ଦିରରେ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କପିଳ ପତି, ଜୟରାମ ମିଶ୍ର, ବଳିଷ୍ଠ ପ୍ରଧାନ, ମଧୁ ସାହୁ, ରତ୍ନମୟ ତ୍ରିପାଠୀ, ଚୁଡେନ୍ଦ୍ର କୁମାର ବେହେରା, ହୃଷିକେଶ ପୁରୋହିତ, କସ୍ତୁରୀ ରଥ, ଧିରେନ୍ଦ୍ର ନାରାୟଣ ସିଂହଦେଓ, ଅରୁଣ କୁମାର ଖୁଆସ, ଡା. ଅଶୋକ କୁମାର ସେଠୀ, ନିହାରିକା ମିଶ୍ର ଓ ମଦନ ମୋହନ ରଥ ଉପସ୍ଥିତ ଥିଲେ । ଶେଷରେ ସୁନାଧର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।

# କାରଗିଲ୍ ବିଜୟ ଦିବସ ଉପଲକ୍ଷେ ଯୁବମୋର୍ଚ୍ଚା ପକ୍ଷରୁ ୨ଦିନିଆ ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର,୨୬/୦୭ (ନି.ପ୍ର): ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ସଭାପତି ତେଜସ୍ୱୀ ସୂର୍ଯ୍ୟାଙ୍କ ନେତୃତ୍ୱରେ ଭାରତୀୟ ଜନତା ଯୁବମୋର୍ଚ୍ଚା ଜୁଲାଇ ୨୫ରୁ କାରଗିଲ୍ ବିଜୟ ଦିବସ ଉପଲକ୍ଷେ ଦୁଇ ଦିନିଆ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ଶ୍ରୀନଗର ଲାଲଚୌକଠାରୁ ଆରମ୍ଭ ହୋଇ କାରଗିଲ୍‌ରେ ଶେଷ ହେବ। ଜୁଲାଇ ୨୬ରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ସହିଦ୍ ସ୍ମାରକୀ ଦିବସକୁ କାରଗିଲ୍ ଯୁଦ୍ଧଭାବେ ପାଳନ କରିବ। ରାଜ୍ୟର ସବୁ ସହିଦମାନଙ୍କ ଘର ପ୍ରାଙ୍ଗଣରୁ ମାଟି ଆଣିବାକୁ ଶ୍ରୀ ସୁର୍ଯ୍ୟାଙ୍କ ସମସ୍ତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସୁର୍ଯ୍ୟା କହିଛନ୍ତି, ୩୭୦ ରଦ୍ଦ ହେବା ପରେ କାଶ୍ମୀରରେ ବିଜେପିର ପ୍ରଥମ ସାଙ୍ଗଠନିକ କାର୍ଯ୍ୟକ୍ରମ ନେତୃତ୍ୱ ନେବା ଯୁବମୋର୍ଚ୍ଚା ପାଇଁ ଗର୍ବର ବିଷୟ। ବିଜୟ ଦିବସରେ ଏହି ଯାତ୍ରାରେ ସମଗ୍ର ଭାରତର ଯୁବମୋର୍ଚ୍ଚା କର୍ମୀମାନଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ବାର୍ତ୍ତା ଦେଶର ପ୍ରତ୍ୟେକ ନାଗରିକଙ୍କ ନିକଟରେ ପଂହଚିବ।

ଏହି ପଦଯାତ୍ରାରେ ଯୁବ ମୋର୍ଚ୍ଚାର ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତି ଉପସ୍ଥିତ ରହିବେ। ଶ୍ରୀନଗର ଲାଲଚୋକଠାରୁ ପତାକା ଉତୋଳନ କରି ବାଇକ ରାଲି କରିବେ। ଏହି ଯାତ୍ରାରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ, ଯୁବମୋର୍ଚ୍ଚା ପ୍ରଭାରୀ ତରୁଣ୍ ଚୁଗ୍ ମୁଖ୍ୟ ଅତିଥିଭାବେ ଯୋଗ ଦେବେ। ବହୁ ସାଂସଦ ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏହି ବାଇକ ରାଲିରେ ଅଂଶ ଗ୍ରହଣ କରିବେ। ଯୁବମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ସହିଦ ସ୍ମାରକୀ ଶ୍ରଦ୍ଧାଞ୍ଜଳି ଦେବେ। ଆଜାଦି ଅମୃତ ମହୋତ୍ସବକୁ ୭୫ମିଟର ଲମ୍ବା ଭାରତୀୟ ଜାତୀୟ ପତାକା ଉନ୍ମୋଚନ କରିବେ। କାରଗିଲ ଯୁଦ୍ଧର ହିରୋ ଜେନେରାଲ ବିକେ ସିଂହ ମୁଖ୍ୟ ଅତିଥିରୂପେ ଉପସ୍ଥିତ ରହିବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଧାରା ୩୭୦ ରଦ୍ଦ ହେବା ଏବଂ ଜାମ୍ମୁ-କାଶ୍ମୀରର ସାମ୍ବିଧାନିକ ଏକକୀକରଣ ପରେ ଏହା କାଶ୍ମୀରରେ ଐତିହାସିକ କାର୍ଯ୍ୟକ୍ରମ ହେବ। ଭାରତୀୟ ସେନାର ବିରତ୍ୱ ପାଳନ କରି ଏହି କାର୍ଯ୍ୟକ୍ରମ ସମଗ୍ର ଭାରତରେ ଏକତାର ବାର୍ତ୍ତା ବିସ୍ତାର କରିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ରାଷ୍ଟ୍ରୀୟ ଉପାଧକ୍ଷା ଅର୍ପିତା ଅପରାଜିତା ବଡ଼ଜେନା, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ପ୍ରୀତେଶ ବହିଦାର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

# ରାଜ୍ୟରେ ଆଜି ୬୬୨ ନୂଆ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ଆଜି ରାଜ୍ୟରେ ବି ଦୈନିକ କରୋନା ସଂକ୍ରମଣ ହଜାରେ ତଳେ ରହିଛି। ଗତକାଲି ୭୩୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୬୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୮୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୭୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୦୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୭ଟି ଜିଲ୍ଲାରୁ ୭୩୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ତିନିଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୫୨ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩, ବାଲେଶ୍ୱର ଜିଲ୍ଲାରୁ ୪ ଜଣ, ବରଗଡ଼ରୁ ୧୨, ଭଦ୍ରକରୁ ୧୩ ଜଣ, ବଲାଙ୍ଗୀରରୁ ୯ ଜଣ, ବେ ?ଦ୍ଧରୁ ୪ ଜଣ, କଟକରୁ ୩୮ ଜଣ, ଦେବଗଡ଼ରୁ ୫ ଜଣ, ଗଜପତିରୁ ୫ ଜଣ, ଗଞ୍ଜାମରୁ ୧, ଜଗତସିଂହପୁରରୁ ୧୧ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୨ ଜଣ, କନ୍ଧମାଳରୁ ୯ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୫୨, କୋରାପୁଟ ଜିଲ୍ଲାରୁ ୧୫ ଜଣ, ମୟୂରଭଞ୍ଜରୁ ୭୮ ଜଣ, ନବରଙ୍ଗପୁରରୁ ୬ ଜଣ, ନୟାଗଡ଼ ଜିଲ୍ଲାରୁ ୧୨ ଜଣ, ନୂଆପଡ଼ାରୁ ୧୧ ଜଣ, ପୁରୀରୁ ୬ ଜଣ, ରାୟଗଡ଼ାରୁ ୧୧ ଜଣ, ସମ୍ବଲପୁରରୁ ୪୮ ଜଣ, ସୋନପୁରରୁ ୧୩ ଜଣ, ସୁନ୍ଦରଗଡ଼ରୁ ୧୪୨ ଜଣ ଓ ଷ୍ଟେଟପୁଲରୁ ୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୦୭, ୯୧୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୯୧, ୬୬୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୦୫୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

## ଭରଦ୍ୱାଜ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୬/୦୭ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଆଜି ସକାଳେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଓ ସ୍ତ୍ରୀ ରୋଗଆଦିର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଭୂତାଣୁ ନିରାକରଣ ପାଇଁ ଇମ୍ୟୁନିଟି ବଢାଇବା, ସାମାଜିକ ଦୂରତା, ମୁଖା ପରିଧାନ ଓ ପ୍ରତିଜୀବି ଚିକିତ୍ସା ନକରି ସୁଷମ ଖାଦ୍ୟ ଓ ପ୍ରାକୃତିକ ଭୂତାଣୁ ବିରୋଧୀ ଔଷଧ ସେବନ ପାଇଁ ପରାମର୍ଶ ଦେଇଥିଲେ। ଶିବିରର ପ୍ରାୟୋଜକ ଥିଲେ ଜୟନ୍ତି ଲାଲ ନରସି ଚୌହାନ ଓ ବିଶ୍ୱଜିତ୍ କାନୁନଗୋ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ନେଇ ବଢୁଛି ଚାଷୀ ଅଶାନ୍ତି



ଭୁବନେଶ୍ୱର ,୨୬/୦୭ (ନି.ପ୍ର): ରାଜ୍ୟରେ ଜଟିଳ ହେଉଛି ପ୍ରଧାନମନ୍ତ୍ରୀ ଫସଲ ବୀମା ବିବାଦ। ପ୍ରିମିୟମ ଆକାରରେ କୋଟି କୋଟି ଟଙ୍କା ନେଇଥିବା ବୀମା କମ୍ପାନି ଏଚଡିଏଫ୍‌ସି, ଏଆଇସି ଏବଂ ରିଲାଏନ୍ସ ଜିଆଇସି ନିଜ ଭାଗ ବୀମା ଟଙ୍କା ପ୍ରଦାନ କରୁନାହାନ୍ତି। ଏଥିଯୋଗୁଁ ଚାଷୀଙ୍କୁ ହକ୍ ମିଳି ପାରୁନାହିଁ। ଏହାକୁ ନେଇ କେନ୍ଦ୍ର କୃଷି ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ହସ୍ତକ୍ଷେପ ଲୋଡ଼ି ପତ୍ର ଲେଖିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତରେ ଚଳିତ ବର୍ଷ ୨୦ ଲକ୍ଷ ୫୬ ହଜାର ୮୮୨ ଚାଷୀଙ୍କ ପାଇଁ ୧୩୬୪ କୋଟି ଟଙ୍କା ଦାବି କରାଯାଇଛି। ଫେବ୍ରୁଆରିରେ ଦିଆଯିବା ଟଙ୍କା ଜୁଲାଇ ମାସରେ ଦିଆଯାଇଛି। ସେଥିରୁ ମଧ୍ୟ ୬୧୫ କୋଟି ଟଙ୍କା ବାକି ରହିଛି। କେବଳ ବରଗଡ଼ ଜିଲ୍ଲା ଚାଷୀଙ୍କ ସର୍ବାଧିକ ୩୬୨ କୋଟି ଟଙ୍କା ବକେୟା ଥିବାରୁ ସେଠାରେ ଅନେକ ଦିନ ଧରି ଆନ୍ଦୋଳନ ଚାଲିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ମଧ ଚାଷୀ ଅଶାନ୍ତି ସୃଷ୍ଟି ହୋଇଛି। ଏପରିକି ଏହି ପ୍ରସଙ୍ଗ ନେଇ ବିଧାନସଭା ମଧ୍ୟ ହୁଲସ୍ଥୁଲ ହୋଇଛି। କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ପତ୍ରରେ ମନ୍ତ୍ରୀ ଶ୍ରୀ ନାୟକ ଲେଖିଛନ୍ତି, ୨୦୧୬ ମସିହାରୁ ଓଡ଼ିଶା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିଛି। ଏଥିସହିତ ପ୍ରଥମ ରାଜ୍ୟ ଭାବରେ ଫସଲ କଟା ପରୀକ୍ଷଣ (କ୍ରପ କଟିଂ) ପାଇଁ ପ୍ରଯୁକ୍ତି ଭିତ୍ତିକ ନମୁନା ସଂଗ୍ରହ (ସ୍ମାର୍ଟ ସ୍ୟାମ୍ପଲିଂ ଟେକ୍‌ନିକ୍) ବ୍ୟବସ୍ଥା କରାଯାଉଛି। ଦ୍ୱିତୀୟ ରାଜ୍ୟ ଭାବରେ ଜାତୀୟ ଫସଲ ବୀମା ସହିତ ସମନ୍ୱିତ ଭାବରେ ରାଜ୍ୟ ଜମି ରେକର୍ଡ ପୋର୍ଟାଲ ବ୍ୟବସ୍ଥା କରିଛି। ସ୍ୱତନ୍ତ୍ର ଅଭିଯାନ କ୍ରମରେ ମୋବାଇଲ ଆପ୍ ଜରିଆରେ ଫସଲ କଟା ନେଇ ଯଥାସମ୍ଭବ ତଥ୍ୟ ସଂଗ୍ରହ କରାଯାଇଛି। ଯୋଜନାକୁ ଉପଯୁକ୍ତ କାର୍ଯ୍ୟକାରୀ ପାଇଁ ଜିଲ୍ଲା, ବ୍ଲକସ୍ତର କମିଟି ଗଠନ ହୋଇଛି। ୨୦୨୧ ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ରାଜ୍ୟର ୯୮ ପ୍ରତିଶତ ଫସଲ ପ୍ରଭାବିତ ହୋଇଛି। କିନ୍ତୁ ବୀମା କମ୍ପାନିଗୁଡ଼ିକ ଫସଲ କଟା ରିପୋର୍ଟ ଉପରେ ଆପତ୍ତି ଉଠାଇ ବୀମା ଟଙ୍କା ପ୍ରଦାନ କରୁନାହାନ୍ତି। ଏଥିଯୋଗୁଁ ୨୦୨୨ ମସିହାର ବୀମା ପଞ୍ଜୀକରଣ ପ୍ରଭାବିତ ହୋଇଛି। ସୂଚନା ଅନୁଯାୟୀ, ବୀମା ଟଙ୍କା ବାକି ଥିବା ଜିଲ୍ଲା ମଧ୍ୟରେ ବଲାଙ୍ଗୀରର ୧୬୪.୭୫ କୋଟି, ଗଞ୍ଜାମ ଜିଲ୍ଲାର ୮.୧୫ କୋଟି, କେନ୍ଦ୍ରାପଡ଼ାର ୫.୭୫ କୋଟି, ଦେବଗଡ଼ର ୭.୦୭ କୋଟି, ଜଗତସିଂହପୁରର ୮.୭୯ କୋଟି, କଳାହାଣ୍ଡିର ୨.୬୫ କୋଟି, ପୁରୀର ୧୮.୬୩ କୋଟି, ବାଲେଶ୍ୱରର ୧.୯୮ କୋଟି, ସମ୍ବଲପୁରର ୪୭.୪୪ କୋଟି ଟଙ୍କା ରହିଛି। ରାଜ୍ୟରେ ଯେତେ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ସେଥିରୁ କମ ସଂଖ୍ୟକ ଚାଷୀଙ୍କୁ ବୀମାଭୁକ୍ତ କରାଯାଇଛି। ଅଧିକାଂଶ ଚାଷୀଙ୍କୁ ବିଭିନ୍ନ ଆଳରେ କାଟି ଦିଆଯାଇଛି। ମାଲକାନଗିରି, ବୌଦ୍ଧ ଏବଂ ରାୟଗଡ଼ା ଜିଲ୍ଲାର ଜଣେ ମଧ ଚାଷୀଙ୍କୁ ବୀମା ଟଙ୍କା ଦିଆଯାଇନାହିଁ।

# ସିକନ୍ଦ୍ରାବାଦରୁ ସୁନା ଚୋରି କରି ଫୁଲବାଣୀରୁ ଗିରଫ

କନ୍ଧମାଳ,୨୬/୦୭ (ନି.ପ୍ର): ସୁଦୂର ସିକନ୍ଦ୍ରାବାଦରୁ ଚୋରି କରି ଫୁଲବାଣୀରେ ଧରାପଡ଼ିଲା ସୁନା ଚୋର। ଅଭିଯୁକ୍ତ ଜଣକ ହେଲା ଚକାପାଦ ବ୍ଲକ ଅନ୍ତର୍ଗତ ରୂପାଗାଁର ହିତ୍ରିକ ପ୍ରଧାନ। ଖବରରୁ ପ୍ରକାଶ ଯେ, ହିତ୍ରିକ ଆନ୍ଧ୍ର ପ୍ରଦେଶର ସିକନ୍ଦ୍ରାବାଦ ମାର୍କେଟ ପୋଲିସ ଷ୍ଟେସନ ଅନ୍ତର୍ଗତ ଜୈନିକ ମହିଳାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଘରେ ପଶି ମହିଳାଙ୍କ ବେକରୁ ୬୦ ଗ୍ରାମ ଓଜନର ସୁନା ହାର ଓ ଲକେଟ ଜୋର ଜବରଦସ୍ତ ଛଡେଇ ଆଣି ଫେରାର ହୋଇଯାଇଥିଲା। ଏନେଇ ସିକନ୍ଦ୍ରାବାଦ ଷ୍ଟେସନ ମାର୍କେଟ ପୋଲିସ ଥାନାରେ ୧୪୨/୨୩/୧୨/୨୦୨୨ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଖୋଜୁଥିଲା ସିକନ୍ଦ୍ରାବାଦ ପୋଲିସ। ହିତ୍ରିକ ସିକନ୍ଦ୍ରାବାଦ ଷ୍ଟେସନ ରୋଡରେ ଏକ ଫାଷ୍ଟ ଫୁଡ଼ ଦୋକାନରେ କାରିଗର ଭାବେ କାମ କରୁଥିଲେ। ସେଠାରୁ ଚୋରି କରି ଫୁଲବଣୀର ମାଦିକୁନ୍ଦା ଛକ ନିକଟସ୍ଥ ଏକ ସୁନା ଦୋକାନରେ ବିକିବାକୁ ଆସିଥିବାବେଳେ ଦୋକାନୀଙ୍କର ସନ୍ଦେହ ହୋଇଥିଲା। କାରଣ ୫୦ ଗ୍ରାମ ସୁନା ବିକିବାକୁ କହି ଦୁଇ ଲକ୍ଷ ଦାମର ସୁନାକୁ ଏକ ଲକ୍ଷ ଟଙ୍କା ଦେଲେ ବିକିବି କହିବାରୁ ଦୋକାନୀଙ୍କର ସନ୍ଦେହ ହୋଇଥିଲା। ଦୋକାନୀ ଏ ନେଇ ଫୁଲବାଣୀ ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀଙ୍କୁ ଖବର ଦେଇଥିଲେ। ପୋଲିସ ସଙ୍ଗେ ସଙ୍ଗେ ଯାଇ ଅଭିଯୁକ୍ତକୁ ଆଣି ଥାନାରେ ପଚରା ଉଚରା କରିଥିଲା। ପରେ ପୋଲିସ ସିକନ୍ଦ୍ରାବାଦରୁ ଚୋରି ହୋଇଥିବା ଜାଣି ସେଠାକାର ପୋଲିସକୁ ଖବର ଦେଇଥିଲା। ରବିବାର ବିଳମ୍ବିତ ରାତିରେ ଆନ୍ଧ୍ର ପୋଲିସ ଆସି ଫୁଲବଣୀରୁ ଅଭିଯୁକ୍ତ ହିତ୍ରିକୁ ନେଇଯାଇଛନ୍ତି। ତେବେ ଏହି ଘଟଣାରେ ଅନ୍ୟ ଜଣେ ସମ୍ପୃକ୍ତ ଥିବା କହିଛି ସିକନ୍ଦ୍ରାବାଦ ପୋଲିସ।

# ବାଲି ଦର ବୃଦ୍ଧି ପ୍ରତିବାଦରେ ଟ୍ରାକ୍ଟର ମାଲିକ ସଂଘର ରାଲି ଓ ବିକ୍ଷୋଭ

କନ୍ଧମାଳ,୨୬/୦୭ (ନି.ପ୍ର): ପ୍ରଶାସନର ବାଲି ଉପରେ ମାତ୍ରାଧିକ ପେନାଲିଟିର ପ୍ରତିବାଦ କରି ସୋମବାର ଶତାଧିକ ଟ୍ରାକ୍ଟର ମାଲିକ କୃଷି ବିଭାଗ ଛକରୁ ଏକ ରାଲିରେ ବାହାରି ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କନ୍ଧମାଳ ଜିଲ୍ଲାରେ ବାଲିର ଦର ବୃଦ୍ଧି ପାଇଁ ପ୍ରଶାସନ ପଦକ୍ଷେପ ନେଉଥିବାରୁ ଦୀର୍ଘ ଏକ ମାସ ଧରି ଟ୍ରାକ୍ଟର ସବୁ ବନ୍ଦ ରହିଛି । ଫଳରେ ଘର ନିର୍ମାଣ କରୁଥିବା ଲୋକେ, ଠିକା କାମ କରୁଥିବା ଠିକାଦାରମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ବାଲି ପରିବହନ ବୃଦ୍ଧି ନିଷ୍ପତି ପୂର୍ବରୁ କୌଣସି ଠିକାଦାର, ଟ୍ରାକ୍ଟର ମାଲିକ କିମ୍ବା ନିର୍ମାଣ ଠିକାଦାରଙ୍କ ମତାମତ ନ ନେଇ ପ୍ରଶାସନ ଏକଛତ୍ରବାଦ ଭାବେ ନିଷ୍ପତି ନେଇ ନଥିବା ଅଭିଯୋଗ କରିଛି ସଂଘ। ପଟ୍ଟବାଲିକୁ ମହାନଦୀ ବାଲିର ମାନ୍ୟତା ନଦେବାକୁ ସଂଘ ଦାବି କରିଛି। ପେନାଲିଟି ବଦଳରେ ରୟାଲିଟି ଦେବାକୁ କହିଛି ସଂଘ । ପେନାଲଟି ପଡିଲେ ବାଲି ଟ୍ରାକ୍ଟର ଲୋଡ ବର୍ତ୍ତମାନ ୧୧ ଶହ ଥିବାବେଳେ ଏହା ୨୬ ଶହ ଟଙ୍କାକୁ ବୃଦ୍ଧିପାଇବ । ଯାହାକି ଲୋକଙ୍କୁ ବାଧିବ ବୋଲି ସଂଘର ଉପଦେଷ୍ଟା ଅଶୋକ ପରିଡ଼ା କହିଛନ୍ତି । ଏଣୁ ସରକାର ଓ ଜିଲ୍ଲା ପ୍ରଶାସନ ଦାବିର ବିଚାର କରିବା ଲାଗି ସମ୍ପାଦକ ଅମରେନ୍ଦ୍ର ପଟ୍ଟନାୟକ କହିଛନ୍ତି।

# ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ

ଜୟପୁର,୨୬/୦୭ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର ତରଫରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୀମାଚଂଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ରଥ, ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱ ରଞ୍ଜନ ଗୌଡ଼, ନରେଶ କୁମାର ଷଡଙ୍ଗୀ ଯୋଗଦାନ କରି ଭାରତର ସ୍ୱାଧୀନତା ସଂଗ୍ରାମ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ଭାରତର ସ୍ୱାଧୀନତା ପାଇଁ ସହିଦ ଲକ୍ଷ୍ମଣ ନାୟକଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ନାତକ ପ୍ରଶିକ୍ଷଣ ଗୁରୁ ଛାତ୍ରଛାତ୍ରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ୱାଇ. ସୃତି ମଧ ସହିଦ ଲକ୍ଷ୍ମଣ ନାୟକଙ୍କ ଉପରେ ବକ୍ତବ୍ୟ ରଖିଥିଲେ।

## ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଂସ ଅପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟ୍ରପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରୟାଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୬୫୦ କୋଟି ବ୍ୟୟରେ ନାଇଜର ....

କର୍ମଚାରୀ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭାଗୀୟ ମନ୍ତ୍ରଣାଳୟ ତରଫରୁ ଏକ 'ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର' ଖୋଲାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଓଡ଼ିଶା ସମେତ ସମଗ୍ର ଭାରତର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶା ତଥା ପୂର୍ବ ଭାରତର ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେଇ ଏହି ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି । ଏହି ହସ୍ପିଟାଲ ନିର୍ମାଣ ହେଲେ ଓଡ଼ିଶାବାସୀ ଉପକୃତ ହୋଇପାରିବେ ଓ ଏହି କ୍ଷେତ୍ରରେ ଅଧିକରୁ ଅଧିକ ଗବେଷଣା ହୋଇପାରିବ ବୋଲି ସେ କହିଛନ୍ତି । ଏହି ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଟଟା ମେମୋରିଆଲ ସେଣ୍ଟରର ଅଧିକାରୀ, ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଓ ଆଟୋମିକ ଏନର୍ଜି ବିଭାଗର ବରିଷ୍ଠ ଅଧିକାରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତୀୟ ପୂର୍ବତନ ସୈନିକ ସଂଘ ପକ୍ଷରୁ କାରଗିଲ ଯୁଦ୍ଧ ବିଜୟ ଦିବସ

ବାଲେଶ୍ୱର,୨୬/୦୭ (ନି.ପ୍ର): ଭାରତୀୟ ପୂର୍ବତନ ସୈନିକ ସଂଘ ବାଲେଶ୍ୱର ଶାଖାରେ ୨୩ତମ କାରଗିଲ ବିଜୟ ଦିବସ ପାଳିତ ହୋଇଛି । ଏହି ପରିପ୍ରେକ୍ଷୀରେ କାରଗିଲ ଯୁଦ୍ଧ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ଆନନ୍ଦ ବରାଳ, ସହ-ସମ୍ପାଦକ ହେମନ୍ତ କୁମାର ଭୂୟାଁ, ଲିଗାଲ ଏଡ଼ଭାଇଜର ଜୟନ୍ତ କୁମାର ସାହୁ ଏବଂ ଅନ୍ୟାନ୍ୟ ସଭ୍ୟବୃନ୍ଦ ଯଥା ପ୍ରଦୀପ କୁମାର ବେହେରା, ଅଭୟଲାଲ ପାତ୍ର, ରବୀନ୍ଦ୍ର କୁମାର ନାୟକ, ରବୀନ୍ଦ୍ର ମହାକୁଡ଼, ଅଶ୍ୱିନୀ କୁମାର ବର୍ଦ୍ଧନ, ଶ୍ରୀଧର ସାହୁ, ହରିହର ରାଉତ, ପ୍ରଫୁଲ କୁମାର ପଣ୍ଡା, ଅର୍ଜୁନ କୁମାର ଗିରି, ମହାବୀର ଦତ୍ତ ଏଥିରେ ଯୋଗଦେଇ କାରଗିଲ ଯୁଦ୍ଧର ସ୍ମୃତି ମନେପକାଇବା ସହ ସହିଦ ବୀର ସୈନ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୯୯ ମସିହାରେ ଭାରତ-ପାକ ମଧ୍ୟରେ ହୋଇଥିବା କାରଗିଲ ଯୁଦ୍ଧରେ ଆମେ ବିଜୟୀ ହୋଇଥିଲେ। ତେବେ ଦୀର୍ଘ ୬୬ ଦିନର ଯୁଦ୍ଧରେ ୫୨୭ଜଣ ଭାରତୀୟ ସୈନ୍ୟ ପ୍ରାଣବଳି ଦେଇଥିଲେ ବୋଲି ସଂଘର କର୍ମକର୍ତ୍ତାମାନେ କହିଥିଲେ। କାରଗିଲ ଯୁଦ୍ଧରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିବା ସଂଘର କର୍ମକର୍ତ୍ତା ଓ ବହୁ ସଦସ୍ୟ ସେମାନଙ୍କ ଅନୁଭୂତି ସମ୍ପର୍କରେ ସୂଚନା ଦେଇଥିଲେ। ଦେଶ ପାଇଁ ଐକ୍ୟବଦ୍ଧ ହୋଇ କାର୍ଯ୍ୟ କରିବାକୁ ପୂର୍ବତନ ସୈନିକମାନେ ଏହି ଅବସରରେ ଶପଥ ନେଇଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ରାଜ୍ୟପାଳ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି ଓଡିଶା ରାଜ୍ୟପାଳ। ଗତକାଲି ଦେଶର ନୂତନ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଆଜି ଶ୍ରୀମତୀ ମୁର୍ମୁଙ୍କୁ ବିଭିନ୍ନ ରାଜ୍ୟର ରାଜ୍ୟପାଳ ସାକ୍ଷାତ କରିଛନ୍ତି। ଏହି କ୍ରମରେ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଙ୍ଗଳବାର ଦିନ ରାଷ୍ଟ୍ରପତି ଭବନରେ ଶ୍ରୀମତୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି।

## କିଡ଼ନୀ ପୀଡିତଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେଲା ଶହୀଦ୍ ଭଗତ ସେନା

ଭଦ୍ରକ,୨୬/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ଭଦ୍ରକ ବ୍ଲକ ଅଧିନସ୍ଥ ରମ୍ପିଳା ପଂଚାୟତ ରାଣୀତାଳର ପପୁ ବର୍ମନ। ପପୁଙ୍କର ତିନି ବର୍ଷ ପୂର୍ବେ ତାଙ୍କର ଦୁଇଟି କିଡ଼ନୀ ନଷ୍ଟ ହୋଇଯାଇଥିଲା। ଚିକିତ୍ସା ପାଇଁ ଅର୍ଥ ସାଜିଥିଲା ବାଧକ,ଏହି ସମୟରେ ଭଦ୍ରକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଶହୀଦ୍ ଭଗତ୍ ସେନା ପକ୍ଷରୁ ସମ୍ପୂର୍ଣ୍ଣ ଚିକିତ୍ସା ନିମନ୍ତେ ଅର୍ଥ ଯୋଗାଇ ଦେଉ ଆସୁଥିଲେ। ଆଜି ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଛି। ଏଥିପାଇଁ ୫



ଲକ୍ଷରୁ ଅଧିକ ଟଙ୍କା ସଂଗଠନ ପକ୍ଷରୁ ସହାୟତା କରିଛନ୍ତି। ତେବେ ଆଜି ସଂଗଠନର ଆବାହକ ସୀତାଂଶୁ ଶେଖର ମହାପାତ୍ର ନିଜେ ଭୁବନେଶ୍ୱରରେ ପହଞ୍ଚି ଡାକ୍ତରଙ୍କ ସହିତ ପରାମର୍ଶ କରିଥଲେ।

## ସୋନିଆ ଗାନ୍ଧୀଙ୍କୁ ଇଡି ଡାକରା ପ୍ରତିବାଦରେ କଂଗ୍ରେସର ସତ୍ୟାଗ୍ରହ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ନିଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ବାରମ୍ବାର ଜେରା କରିବା ପ୍ରତିବାଦରେ ମଙ୍ଗଳବାର ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଏହି ସତ୍ୟାଗ୍ରହରେ ସାରା ରାଜ୍ୟର ବହୁ କଂଗ୍ରେସ ନେତୃବର୍ଗ, ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ମହାତ୍ମା ଗାନ୍ଧୀ ମାର୍ଗରେ ସତ୍ୟାଗ୍ରହ ସଭାସ୍ଥଳିରେ ଯୋଗଦାନ କରିଥିଲେ। କଂଗ୍ରେସ ଅଭିଯୋଗ କରିଛି ଯେ ନରେନ୍ଦ୍ର ମୋଦି ସରକାର ସୋନିଆ ଗାନ୍ଧୀ , ରାହୁଲ ଗାନ୍ଧୀ ଏବଂ ବିଶେଷ କରି କଂଗ୍ରେସ ଦଳକୁ ଜନମାନସରେ ନିନ୍ଦିତ କରିବାପାଇଁ ଭାରତ ବର୍ଷର ସ୍ୱାଧୀନ ସଂସ୍ଥାମାନଙ୍କୁ ଅପ ବ୍ୟବହାର କରି ରାଜନୈତିକ ଫାଇଦା ହାସଲ କରିବାପାଇଁ ଚେଷ୍ଟା ଚଳାଇଛନ୍ତି। ଶାସନ କ୍ଷମତାକୁ ଆସିବା ପୂର୍ବରୁ ଭାରତବର୍ଷର ଜନଗଣଙ୍କୁ ଯେଉଁ ପୂଳା ପୂଳା ପ୍ରତିଶ୍ରୁତି ଦେଇଥିଲେ ତନ୍ମଧ୍ୟରୁ ଗୋଟିଏ ବି ପ୍ରତିଶ୍ରୁତି ପୂରଣ କରିବାରେ ନରେନ୍ଦ୍ର ମୋଦି ସରକାର ସକ୍ଷମ ହେଲେ ନାହିଁ। ଆଜି ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥ ଆଦିର ଅହେତୁକ ଦରବୃଦ୍ଧି, ବେରୋଜଗାରୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, କୃଷକ ଓ କୃଷି କ୍ଷେତ୍ରର ସମସ୍ୟା, ଆଦିବାସୀ ପଛୁଆ ବର୍ଗଙ୍କର ବିକାଶ, ପ୍ରବାସୀ ଶ୍ରମିକ ମାନଙ୍କର ସମସ୍ୟାକୁ ସମାଧାନ କରିବାରେ ମୋଦି ସରକାର ବିଫଳ। ଏସବୁ ସମସ୍ୟାକୁ ନେଇ ଯେତେବେଳ ଶ୍ରୀମତୀ ସୋନିଆ ଗାନ୍ଧୀ ଓ ଶ୍ରୀ ରାହୁଲ ଗାନ୍ଧୀ ପାର୍ଲାମେଂଟ ଭିତରେ ଓ ବାହାରେ ସରକାରଙ୍କର ନୀତି ଓ ନିଷ୍ପତିକୁ କଡ଼ା ସମାଲୋଚନା କରିବା ଯୋଗୁଁ ଆଜି ଇଡି, ସିବିଆଇ ଓ ଆଇଟିର ଭୟ ଦେଖାଇ ସେମାନଙ୍କର ମୁହଁ ବନ୍ଦ କରିବାପାଇଁ ଚେଷ୍ଟା ଚଳାଇଛନ୍ତି। ନେସନାଲ ହେରାଲ୍ଡ ଘଟଣାରେ କୌଣସି ପ୍ରକାର ଯେତେବେଳେ ଅର୍ଥ କାରବାର ହୋଇନାହିଁ ସେଥିରେ କିଭଳି ଅର୍ଥ ହେରାଫେରି ହେଲା ଏହାହିଁ ହେଉଛି କଂଗ୍ରେସର ସବୁଠାରୁ ବଡ଼ ପ୍ରଶ୍ନ। ଆଜିର ଏହି "ସତ୍ୟାଗ୍ରହ"ରେ ପୂର୍ବତନ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ସୁରେଶ କୁମାର ରାଉତରାୟ, ପ୍ରମୁଖ ହଜାର ହଜାର ସଂଖ୍ୟାରେ ଛାତ୍ର, ମହିଳା, ଯୁବ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ।

## କୁମ୍ଭାର ସମ୍ପ୍ରଦାୟକୁ ଅନୁସୂଚିତ ଜାତି ମାନ୍ୟତା ପାଇଁ ଦାବିପତ୍ର

ବାରିପଦା,୨୬/୦୭ (ନି.ପ୍ର): ମୟୂରଭଞ୍ଜ କୁମ୍ଭାର ସମାଜ ତରଫରୁ ଓଡିଶାରେ ବସବାସ କରୁଥିବା ୫୦ଲକ୍ଷରୁ ଉର୍ଦ୍ଧ କୁମ୍ଭାର ଭାଇ ଭଉଣୀମାନଙ୍କର ଅବସ୍ଥା ବର୍ତ୍ତମାନ ସମୟରେ ଅତି ଦୟନୀୟ ତଥା ଅବହେଳିତ ଅବସ୍ଥାରେ ରହିଅଛି। ଆଜିକୁ ୫୦ବର୍ଷ ଧରି ଏହି ଜାତି ସମାଜକୁ ନିଜର ହସ୍ତ ନିର୍ମିତ କୌଶଳ ବଳରେ ଏକ ସୁସ୍ଥ ତଥା ଉନ୍ନତ ସମାଜ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ବର୍ତ୍ତମାନ ଏହି କୁମ୍ଭାର ଜାତି ହିଁ ଏକମାତ୍ର ଜାତି ଯିଏ କି କୌଳିକ ବୃତ୍ତି ବିହୀନ। ବର୍ତ୍ତମାନ ସମାଜର ବିଭିନ୍ନ ପ୍ଲାଷ୍ଟିକ ଜିନିଷର ଚାହିଦା



ବୃଦ୍ଧି ଫଳରେ କୁମ୍ଭାର ଜାତି ନିଜର ବୃତ୍ତି ହରାଇ ବେସାହାରା ହୋଇପଡିଛି। ପୂର୍ବରୁ ଏହି ଜାତିକୁ ଅନୁସୂଚିତ ଜାତିର ମାନ୍ୟତା ପ୍ରଦାନ କରି ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରି ଆସୁଥିବା ସରକାର ବର୍ତ୍ତମାନ ଏହି ଜାତିକୁ ସେଥିରୁ ନିବୃତ୍ତ କରିଅଛନ୍ତି । ଏହି ପରିପ୍ରେକ୍ଷୀରେ କୁମ୍ଭାର ଜାତିକୁ ପୁନଃ ଅନୁସୂଚିତ ଜାତି ତାଲିକାଭୁକ୍ତ କରିବା ପାଇଁ ସଭ୍ୟଗଣ ମତ ପ୍ରକାଶ କରି ଏହି ଉଦ୍ଦେଶ୍ୟରେ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ସମାଜର ଜିଲ୍ଲା ସଭାପତି ଭୀମଚରଣ ରାମ, ଜିଲ୍ଲା ସଂପାଦକ ମହେନ୍ଦ୍ର ନାଥ ବେହେରା, ଉପସଭାପତି ସଞ୍ଜୟ ରାମ, ଅମିତ ରାମ, ଇନ୍ଦ୍ରଜିତ ବେହେରା ସଭ୍ୟ ଗଣେଶ୍ୱର ବେହେରା, ରାମ କୁମାର ବେହେରା, ସତ୍ୟଜିତ ବେହେରା, ଶ୍ରୀକାନ୍ତ ବେହେରା ପ୍ରମୁଖ ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ମାନ୍ୟବର ରାଜ୍ୟପାଳ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

## ଗୋଟିଏ ଦିନରେ ୬୬୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୬୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୭୯୧୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୦୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୧୬୬୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦୫୪ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୮୭ ଜଣ ସଂଗରୋଧରୁ ଓ ୨୭୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩, ବାଲେଶ୍ୱର ଜିଲ୍ଲାରେ ୪, ବରଗଡ ଜିଲ୍ଲାରେ ୧୨, ଭଦ୍ରକ ଜିଲ୍ଲାରେ ୧୩, ବଲାଙ୍ଗୀର ଜିଲ୍ଲାରେ ୯, ବୌଦ୍ଧ ଜିଲ୍ଲାରେ ୪, କଟକ ଜିଲ୍ଲାରେ ୩୮. ଦେବଗଡ, ଜିଲ୍ଲାରେ ୫, ଗଜପତି ଜିଲ୍ଲାରେ ୫ , ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୧୦ ,ଯାଜପୁର ଜିଲ୍ଲାରେ ୮, ଝାରସୁଗୁଡା ଜିଲ୍ଲାରେ ୪ . କଳାହାଣ୍ଡି ଜିଲ୍ଲାରେ ୧୨, କନ୍ଧମାଳ ଜିଲ୍ଲାରେ ୯, କେନ୍ଦ୍ରାପଡା ଜିଲ୍ଲାରେ ୩, ଖୋର୍ଦ୍ଧା ଜିଲ୍ଲାରେ ୧୫୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୫, ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ବିଜେପି କାର୍ଯ୍ୟାଳୟରେ କାରଗିଲ୍ ବିଜୟ ଦିବସ ପାଳିତ

ଭୁବନେଶ୍ୱର,୨୬/୦୭ (ନି.ପ୍ର): କାରଗିଲ ବିଜୟ ଦିବସ ଅବସରରେ ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ କାର୍ଗିଲ ବିଜୟ ଉତ୍ସବ ପାଳନ ସହ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢିବାର ଶିକ୍ଷା ଦେଇଛି କାରଗିଲ୍ ଯୁଦ୍ଧ । ଏହା ପରେ ରାଷ୍ଟ୍ର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ବିଶେଷ ଭାବେ ଗତ ୮ ବର୍ଷର ମୋଦି ଶାସନରେ ଭାରତୀୟ ସେନାର ଶକ୍ତି ବହୁ ବୃଦ୍ଧି ପାଇଛି । ଅଗ୍ନିପଥ ଯୋଜନା ଜରିଆରେ ମୋଦି ସରକାର ଦେଶର ସେନାବହିନୀକୁ ଅଧିକ ସଶକ୍ତ ଓ ସୁଦୃଢ କରିଛନ୍ତି । ସାମରିକ ରାଷ୍ଟ୍ର ଭାବେ ଆଜି ଭାରତବର୍ଷ ସମଗ୍ର ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବାରେ ସଫଳ ହୋଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠରେ ରାଜ୍ୟ ଆବାହକ ସର୍ଜନ ଶର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗ ଦେଇ ବହୁ ପୂର୍ବତନ ସେନାଧିକାରୀମାନେ କାରଗିଲ ଯୁଦ୍ଧ ସମୟର ଅନୁଭୂତିକୁ ବର୍ଣ୍ଣନା କରିଥିଲେ ।

## ଓଡିଶା ସାହିତ୍ୟ ଏକାଡେମୀ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ରଶ୍ମିପ୍ରଭା ପୁରସ୍କୃତ



ବାଲିଆପାଳ, ୨୬/୦୭ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀର ୬୫ ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରଶ୍ମିପ୍ରଭା ପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରି ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଜିଲାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ହିନ୍ଦୀ କବି ଅରୁଣ କମଲ ଉଦଘାଟକ ଭାବେ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର,ସାହିତ୍ୟ ସଂସ୍କୃତି ବିଭାଗର ଅତରିକ୍ତ ଶାସନ ସଚିବ ମଧୁସୂଦନ ପାଢୀ, ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ.ହୃଷିକେଶ ମଲ୍ଲିକ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ରଶ୍ମିପ୍ରଭାଙ୍କୁ ମାନପତ୍ର ଓପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରଶ୍ମିପ୍ରଭା ଏହି ସଫଳତା ପାଇଁ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ସିଆରସିସି ଅଶୋକ କୁମାର ଗିରି ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରଶ୍ମିପ୍ରଭାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଆତ୍ମଜ୍ଞାନୀ ଯୋଗୀ କୃପାସିନ୍ଧୁ ମୁନିଙ୍କ ବାସଭବନରେ ମୁନିସମାଜର ଜ୍ଞାନଯଜ୍ଞ

ଜୁଣବଳଦା, ୨୬/୦୭ (ନି.ପ୍ର): ଯୋଗୀ କୃପାସିନ୍ଧୁ ମୁନିଙ୍କ ବାସଭବନରେ, ଆତ୍ମଜ୍ଞାନୀ ଯୋଗୀ ଅନନ୍ତ ଦେଙ୍କ ସଭାପତିତ୍ୱରେ, ମୁନି ସମାଜର ଜ୍ଞାନ ଯଜ୍ଞ ବହୁ ଯୋଗାଚାର୍ଯ୍ୟ, ଯୋଗୀ ବୃନ୍ଦ,ଯୋଗଶିକ୍ଷୟତ୍ରୀବୃନ୍ଦ, ମୁନିରାଜ-ମୁନିରାଜ୍ଞୀ, ମୁନି-ମୁନିମତୀ, ମୁନିକୁମାର-ମୁନିକୁମାରୀ, ଆତ୍ମଜ୍ଞାନ ପୀପାସୁମାନଙ୍କ ଗହଣରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରି ଥିଲେ, ଆତ୍ମତୀର୍ଥର ସମ୍ପାଦକ ବ୍ରହ୍ମଜ୍ଞାନୀ ପ୍ରଧାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ପ୍ରଧାନ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଭାଗବତାଚାର୍ଯ୍ୟ, ସରଳ ଯୋଗ ମାର୍ଗର ଲେଖକ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଦାମୋଦର ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସ୍ୱରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ ଯୋଗୀ ମୋହିମ ମୁନିଜୀ ମହୋଦୟ, ବରିଷ୍ଠ ଯୋଗ ସିଦ୍ଧ-ସାଧକ, ଯୋଗୀ ନରେନ୍ଦ୍ର ମୁନିଜୀ ମହୋଦୟ, ବରିଷ୍ଠ ଯୋଗ ସିଦ୍ଧ-ସାଧକ, ଯୋଗୀ ପ୍ରଫୁଲ୍ଲ ମୁନିଜୀ ମହୋଦୟ ଇତ୍ୟାଦି । ଯୋଗଶିକ୍ଷୟତ୍ରୀ କବୟିତ୍ରୀ କମଳିନୀ ଏବଂ ଯୋଗଶିକ୍ଷୟତ୍ରୀ ବିଦ୍ୱାନୀ ସୁବାସିନୀ ମୁନି ସଙ୍ଗୀତ ଗାନ କରିଥିଲେ ।ଯମ ନିୟମ ପାଳନ ପୂର୍ବକ, ପ୍ରତିଦିନ ମୁନି ସମାଜର ଯୋଗ ସାଧନା ଜାରି ରଖିଲେ, ଜଣେ ଦୀର୍ଘ ସୁସ୍ଥ ସବଳ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ଯାପନ କରିପାରିବ-ଏହା ସମସ୍ତେ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶେଷରେ ଗୃହକର୍ତ୍ତା ଯୋଗୀ କୃପାସିନ୍ଧୁ ମୁନି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ,ଏକାତ୍ମ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ, ଜଣେ ଆଦର୍ଶ ଯୋଗୀ, ବ୍ରହ୍ମଜ୍ଞାନୀ ଭାଗବତାଚାର୍ଯ୍ୟ ଦାମୋଦର ମୁନିଙ୍କ ସୁପୁତ୍ର, ବିଦ୍ୱାନ, ସିଦ୍ଧ-ସାଧକ ଯୋଗୀ ଅରୁଣ କୁମାର ମୁନିଜୀ ମହୋଦୟ ।

## ରୋଟାରୀ କ୍ଲବ, ଉଦଳାର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ

ଉଦଳା, ୨୬/୦୭ (ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା ରୋଟାରୀ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ ଚଳିତ ଜୁଲାଇ ୨୪ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନା ଚକ୍ର, ସମ୍ବର୍ଦ୍ଧନା ପ୍ରଦାନ ସହିତ ନବାଗତଙ୍କୁ ସ୍ୱାଗତର ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ହୋଟେଲ ସିପ୍ରନ ପରିସରରେ ସବୁ ପ୍ରକାର ବ୍ୟବସ୍ଥାର ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ ରୋଟାରିଅନ ହରେନ ପଟ୍ଟନାୟକ ସଭାପତି ଏବଂ ସୁଦର୍ଶନ ପ୍ରଧାନ ସମ୍ପାଦକ ଭାବେ ରୋଟାରୀ କ୍ଲବ ଉଦଳାର ୨୦୨୨-୨୩ ବର୍ଷ ପାଇଁ ଦାୟିତ୍ୱ ନେଲେ । ସେହିପରି ଏହି ମଞ୍ଚରେ ରୋଟାରାକ୍ଟ କ୍ଲବର ସଭାପତି ଭାବେ ଶୁଭମ ନାୟକ ଏବଂ ସମ୍ପାଦକ ଭାବେ ପ୍ରିନ୍ସ ପ୍ରତ୍ୟୁଷ




ବେହେରା ୨୦୨୨-୨୩ ବର୍ଷ ପାଇଁ ଦାୟିତ୍ୱ ଗ୍ରହଣ କଲେ । ଏହି ମଞ୍ଚରେ ଭୁବନେଶ୍ୱରରୁ ଆସିଥିବା ପିଡ଼ିଜି ଦିଲ୍ଲୀପ କୁମାର ପଟ୍ଟନାୟକ ତାଙ୍କର ବକ୍ତବ୍ୟରେ ରୋଟାରୀର ଜନ୍ମ ଇତିହାସ ଏବଂ ଭାରତକୁ ରୋଟାରୀ କେବେ ଆସିଲା ବର୍ଣ୍ଣନା କରିବା ସହିତ ରୋଟାରୀର ୭୫ ବର୍ଷ ପାଳନ ଉତ୍ସବକୁ ମଦରଟେରେସା କିପରି ଅତିଥି ହୋଇ ଆସିଥିଲେ, ସେ ଦିନର ଭାବାବେଗପୂର୍ଣ୍ଣ ଉତ୍ସବଟି କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହା ସମସ୍ତଙ୍କୁ ବେଶ ଛୁଇଁଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱରରୁ ଆସିଥିବା ଜିଲ୍ଲା ଟ୍ରେନର ହର୍ଷ ଗୁପ୍ତା, ଜଗନ୍ନାଥ ଧାମ ପୁରୀରୁ ଆସିଥିବା ଜିଲ୍ଲା ଜେନେରାଲ ସେକ୍ରେଟେରୀ ମନୋଜ କୁମାର ତ୍ରୀପାଠୀ, ବାଲିଆପାଳରୁ ଆସିଥିବା ଆସିଷ୍ଟାଣ୍ଟ ଗଭର୍ଣ୍ଣର ଅତନୁ କୁମାର ପାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଉଦଳା କ୍ଲବର ସଭାପତି ହରେନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର କରି ଗଢ଼ି ତୋଳିବା ସହିତ ସମସ୍ତଙ୍କୁ ନିଜର କରିନେବାର କ୍ଷେତ୍ର ସୃଷ୍ଟି କରିଛି ରୋଟାରୀ କହିଥିଲେ । ଏହାପରେ ରୋଟାରୀ କ୍ଲବ ଉଦଳାରେ ନୂଆକରି ସଦସ୍ୟ ଭାବେ ଯୋଗ ଦେଇଥିବା ନବାଗତଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ଜଣାଯାଇଥିଲା । ରୋଟାରିଆନ ପ୍ରହ୍ଲାଦ ଦାସ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
**e_mail : rw_mayurbhanj@yahoo.co.in**
**e-Procurement Tender call Notice No. online 05/RWD/BPD/2022-23**

1. Name of the work : Road Works
2. Total No.of works : 15 Nos
3. Estimated Cost : Approx Estimated Cost Rs.9.00 lakhs to Rs.28.32 lakhs
4. Class of Contractor : 'D' &'C' & 'C' 8a'B'
5. Period of completion : 3(Three) Caiendar months
6. Other details

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baripada | 05( Online) /RWD-BPD of 2022-23 | Dt .01.08.22 at 11.00 A.M. | Dt.06.08.22 upto 17.00 P.M. | Dt.05.08.22 Upto 17.00 P.M. | Dt.08.08.22 at 11.00 A.M.. |

Further details can be seen from the website rvww.tendersorissa.gov.in

**Sd/- Aswini Kumar Dandapat**
**Superintending Engineer**
**R.W. Division, Baripada**

**OIPR : 25057/11/0008/2223**

ବାଲେଶ୍ୱର, ବୁଧବାର, ୨୭ ଜୁଲାଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଘରଡିହ ପଟ୍ଟା ଦାବିରେ ଭୂମିହୀନ ପରିବାରଙ୍କ ଧାରଣା

ବାଲେଶ୍ୱର,୨୬/୦୭ (ନି.ପ୍ର): ବାଲେଶ୍ୱର ସହର ଓ ସହର ତଳି ଅଞ୍ଚଳରେ ଦୀର୍ଘଦିନ ଧରି ସରକାରୀ ଜାଗାରେ ବସବାସ କରି ଆସୁଥିବା ଭୂମିହୀନ ପରିବାର ତଥା ବସ୍ତିବାସିନ୍ଦାଙ୍କୁ ଘରଡିହ ପଟା ପ୍ରଦାନରେ ପ୍ରଶାସନର ଖାମଖିଆଲି କାର୍ଯ୍ୟଧାରାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଜାଗ୍ରତ ନାରୀସଂଘ। ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଦାବିରେ ସଂଗଠନ ପକ୍ଷରୁ ଗଣଧାରଣା ଏବଂ ପ୍ରତିବାଦ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜାଗ୍ରତ ନାରରୀ ସଙ୍ଘ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ଭୂମିହୀନ ପରିବାର ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତୀକ ଗଣଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମରେ ଜାଗ୍ରତ ନାରୀ ସଂଘର ସମ୍ପାଦିକା ମମତା ଦାସ ଅଧ୍ୟକ୍ଷତା କରିବା ସହିତ ସରକାରୀ ଯୋଜନାରେ ଗରିବ ଭୂମିହୀନ ପରିବାରଙ୍କୁ ଜମି ପଟ୍ଟା ଯୋଗାଇ ଦେବାରେ ପ୍ରଶାସନିକ ଅଧିକାରୀଙ୍କ କାଳକ୍ଷେପଣ ନୀତିକୁ କଡ଼ା ସମାଲୋଚନା କରିଥିଲେ। ସହର ଓ ତତ୍ ସଂଲଗ୍ନ ଗ୍ରାମାଞ୍ଚଳରେ ଶହ ଶହ ଭୂମିହୀନ ପରିବାର ଦୀର୍ଘବର୍ଷ ଧରି ସରକାରୀ ଜମିରେ ବସବାସ କରିଆସୁଛନ୍ତି। ମାତ୍ର ଘରଡିହ ପଟା ନ ମିଳିବା ଯୋଗୁଁ ଏହି ପରିବାରର ପିଲାମାନେ ବିଭିନ୍ନ ପ୍ରମାଣପତ୍ର ନ ପାଇ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଏହା କାର୍ଯ୍ୟକାରୀରେ ଅନ୍ତରାୟ ହୋଇଛି ବୋଲି ଶ୍ରୀମତୀ ଦାସ ଅଭିଯୋଗ କରିଥିଲେ। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଜାଗ୍ରତ ନାରୀସଂଘ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବହୁ ଭୂମିହୀନ ପରିବାର ସାମିଲ ହୋଇଥିଲେ।

## ଡେଙ୍ଗୁ ନିରାକରଣ ସମ୍ପର୍କିତ ଜିଲ୍ଲାସ୍ତରରୀୟ ସମନ୍ୱୟ ବୈଠକ

ବାଲେଶ୍ୱର,୨୬/୦୭ (ନି.ପ୍ର): ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଡେଙ୍ଗୁ ନିରାକରଣ ମାସ ପାଳନ ତଥା ଡେଙ୍ଗୁ ରୋଗ ନିରାକରଣ ସମ୍ପର୍କିତ ସଚେତନତା ପାଇଁ ଅନ୍ତଃବିଭାଗ ସମନ୍ୱୟ ବୈଠକ ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ସୋମବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଡେଙ୍ଗୁ ନିରାକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଯତ୍ନବାନ ହେବାକୁ ଶ୍ରୀ ପ୍ରଧାନ କହିଥିଲେ। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହି ବୈଠକରେ ଅଧ୍ୟକ୍ଷତା କରିବା ସହ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମର ବିଭିନ୍ନ ଦିଗ, ଡେଙ୍ଗୁପ୍ରବଣ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା, ଶିକ୍ଷ ସଂସ୍ଥାଗୁଡିକରେ ମଶାବଂଶ ନିୟନ୍ତ୍ରଣ, ସମସ୍ତ ସରକାରୀ କାର୍ଯ୍ୟାଳୟରେ ଡେଙ୍ଗୁ ପୋଷ୍ଟର ପ୍ରଦର୍ଶନ, ସହରାଞ୍ଚଳରେ ପୌରପାଳିକା ଦ୍ୱାରା କୀଟନାଶକ ସିଞ୍ଚନ, ଜିଲାର ସମସ୍ତ ଚିକିତ୍ସାଳୟରୁ ନମୁନା ସଂଗ୍ରହ ଓ ପରୀକ୍ଷଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୌରାଞ୍ଚଳରେ ଠିକ୍ ସମୟରେ ମଶା ତେଲ ପକାଇବା, ଡ୍ରେନ ସଫା କରିବା ଓ ଆବଶ୍ୟକତା ଅନୁଯାୟୀ ଧୂଆଁ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସ୍ୱଚ୍ଛ ଭାରତ ଅଭିଯାନ ଅଳିଆବୁହା ଗାଡିରେ ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା ଗୀତ ବଜାଇବାକୁ ମଧ୍ୟ କୁହାଯାଇଛି। ଜିଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ସପ୍ତାହର ଗୋଟିଏ ଦିନ ଡେଙ୍ଗୁ ମଶାର ଜନ୍ମସ୍ଥାନକୁ ନଷ୍ଟ କରିବା ନିମିତ ଶୁଖିଲା ଦିନ(ଡ୍ରାଏ ଡେ) ଭାବେ ପାଳନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ବାହକ ବାହିତ ରୋଗ ପରାମର୍ଶଦାତା ଆଲୋକ କୁମାର ପତି ପ୍ରୋଜେକ୍ଟର ମାଧ୍ୟମରେ ଜିଲାରେ ଡେଙ୍ଗୁର ସ୍ଥିତି, ନିରାକରଣ କାର୍ଯ୍ୟକ୍ରମ ଏବଂ ପରବର୍ତୀ କାର୍ଯ୍ୟପନ୍ଥା ସଂପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୩୬୭ ନମୁନା ପରୀକ୍ଷଣ କରାଯାଇ ୮ଜଣ ଡେଙ୍ଗୁରୋଗୀଙ୍କୁ ଚିହ୍ନଟ କରାଯାଇଅଛି। ବାଲେଶ୍ୱର ଉପ-ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ଜିଲା ପ୍ରୋଗ୍ରାମ ମ୍ୟାନେଜର ଅନୀଲ କୁମାର ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ଶ୍ରୀକାନ୍ତ ସେଠୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ରମଣୀକାନ୍ତ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଷ୍ଟ୍ରପତିଙ୍କ ସହିତ ମଧ୍ୟାହ୍ନ ଭୋଜନ ଓ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଆଲୋଚନା କଲେ ଉଦଳା ନଗରପାଳ



ଉଦଳା, ୨୬/୦୭ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଭାରତର ମହାମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଶପଥ ପାଠ ଉତ୍ସବରେ ଯୋଗଦେବା ପାଇଁ ଡ଼ାକରା ପାଇ ଦିଲ୍ଲୀ ଯାଇଥିଲେ। ଶପଥ ପାଠ ସରିବା ପରେ ରାଷ୍ଟ୍ରପତିଙ୍କ ସହିତ ମଧ୍ୟାହ୍ନ ଭୋଜନ କଲେ ଓ ଅତୀତରେ ମୟୂରଭଞ୍ଜରେ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ଗୁଡ଼ିକୁ ମନେ ପକାଇ କଥା ହେଲେ। ପରେ ସେଠାରେ ଉପସ୍ଥିତ ଥିବା ବିଭିନ୍ନ କେନ୍ଦ୍ର ମନ୍ତ୍ରୀଙ୍କୁ ସାକ୍ଷାତ କରି ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କଲେ। ଏ ବାବଦରେ ସେଠାରୁ ସେ ଫୋନ କରି ଗଣମାଧମର ପ୍ରତିନିଧି ମାନଙ୍କୁ ଅବଗତ କରାଇଥିବାର ଜଣାଯାଇଛି।

## ପାରାଦୀପରେ ବିଜୁଳି ମହୋତ୍ସବ : ସମସ୍ତଙ୍କ ପାଖରେ ବିଜୁଳି ପହଂଚାଇବାର ଲକ୍ଷ୍ୟ



ପାରାଦୀପ, ୨୬/୦୭ (ନି.ପ୍ର): ମଙ୍ଗଳବାର ଦିନ ପୂର୍ବାହ୍ନରେ ପାରାଦୀପସ୍ଥିତ ଜୟଦେବ ସଦନ ପରିସରରେ ବିଜୁଳି ମହୋତ୍ସବ ଆୟୋଜିତ ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷ ପୂର୍ତୀ ଆଜାଦି କି ଅମୃତ ମହୋତ୍ସବ ପାଳନ ଅବସରରେ ଏନଟିପିସି, ଓପିଟିସିଏଲ୍ ଏବଂ ଟିପିସିଓଡିଏଲ୍ ମିଳିତ ଆନୁକୂଲ୍ୟରେ ବିଜୁଳି ମହୋତ୍ସବ ପାଳିତ ହେଉଅଛି। ଏହି ଅବସରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ ଭୋଇ ଯୋଗ ଦେଇଥିଲେ, ପାରାଦୀପର ବସ୍ତି ଅଂଚଳରେ ରହୁଥିବା ଲୋକମାନଙ୍କ ନିକଟରେ ବିଜୁଳି ପହଂଚେଇବା ପାଇଁ ସେ ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କୁ ସେ ନିବେଦନ କରିଥିଲେ। ଉତ୍ସବରେ ଅଧକ୍ଷତା କରିଥିଲେ ଜିଲ୍ଲାପାଳ ପାରୁଲ ପଟୱାରୀ। ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ଏଡିଏମ୍(ରାଜସ୍ୱ) ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଏଡିଏମ୍ ଡ.କାହ୍ନୁ ଚରଣ ଧିର, ପାରାଦୀପ ପୌର ପାଳିକାର ଉପାଧକ୍ଷା ଛବିଲତା ରାଉତ ଯୋଗ ଦେଇଥିଲେ। ଏନଟିପିସିର ବରିଷ୍ଠ ପରିଚାଳକ ବିଶ୍ୱଜିତ ସାମନ୍ତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଟିପିଡିଓସିଏଲ୍ ର ଅଧିକ୍ଷଣ ଯନ୍ତ୍ରୀ ଅମରଜିତ୍ ପଟ୍ଟନାୟକ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ସାଂସ୍କୃତିକ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସ୍ୱପ୍ନାରାଣୀ ଦାସ ନିର୍ଦ୍ୱନ୍ଦ୍ୱରେ ଉପସଭାପତି ଭାବେ ନିର୍ବାଚିତ

ନୀଳଗିରି, ୨୬/୦୭ (ନି.ପ୍ର): ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିରେ ଉପସଭାପତି ଭାବେ ବିଜେଡି ସମର୍ଥିତ ସ୍ୱପ୍ନାରାଣି ଦାସ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ପାଇଁ ସମିତିରେ କୌଣସି ର୍ନିବାଚିତ ପ୍ରତିନିଧି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ବେଳେ ସ୍ୱପ୍ନରାଣୀ ଦାସ ଉପସଭାପତି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତୁଷାରକାନ୍ତ ମହଲ ସୂଚନା ଦେଇଛନ୍ତି। ନୂତନ ନିର୍ବାଚିତ ଉପସଭାପତି ଙ୍କୁ ସମସ୍ତ ସଭ୍ୟ ଓ ନିର୍ବାଚିତ ସଭାପତି ମନୋରଂଜନ ଦାସ ସ୍ୱାଗତ ଜଣାଇଛନ୍ତି।

## ଜନବସତିରେ ୫-ଜି ଟାୱାର ପ୍ରତିଷ୍ଠାକୁ ବିରୋଧ

ବାଲେଶ୍ୱର, ୨୬/୦୭ (ନି.ପ୍ର): ଜନବସତି ମଧ୍ୟରେ ମୋବାଇଲ ଟାୱାର ପ୍ରତିଷ୍ଠାକୁ ବିରୋଧ କରି ତେଲେଙ୍ଗାସାହି ଅଞ୍ଚଳର ମହିଳାମାନେ ମଙ୍ଗଳବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ତେଲେଙ୍ଗାସାହିରେ ଜନୈକ ଶିକ୍ଷୟିତ୍ରୀ ଜବରଦଖଲରେ ରଖିଥିବା ସରକାରୀ ଜାଗାରେ ଘର କରିଥିବା ବେଳେ ଖର୍ଦ୍ଦି କରିଥିବା ଜମିରେ ୫-ଜି ଜିଓ ଟାୱାର ସ୍ଥାପନ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ ୫-ଜି ଟାୱାର ବିକରଣ କରୁଥିବା ଉଚ୍ଚ ରେଡ଼ିୟସନ ଯୁକ୍ତ ରଶ୍ମିର ପ୍ରଭାବ ପଶୁପକ୍ଷୀ ତଥା ମଣିଷ ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇଥିବା ବେଳେ ଏହାକୁ ଜନବସତି ଅଞ୍ଚଳରେ ସ୍ଥାପନ ନ କରିବାକୁ ସେମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଏମିତିକି ଟାୱାର ସ୍ଥାପନ ପାଇଁ ସ୍ଥାନୀୟ ବାସିନ୍ଦା ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ କମ୍ପାନୀକୁ କହି ସେ ଜବରଦସ୍ତ ନିର୍ମାଣ ଚଳାଇଥିବା ମହିଳାମାନେ ଆରୋପ କରିଛନ୍ତି। ତୁରନ୍ତ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଧାରଣାରେ ବସିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ରୋଟାରୀ ମିଡ୍ ଟାଉନ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ



ଭଦ୍ରକ,୨୬/୦୭ (ନି.ପ୍ର): ଭଦ୍ରକ ଟାଉନ ହଲରେ ରୋଟାରୀ କ୍ଲବ୍ ମିଡ ଟାଉନ ଭଦ୍ରକ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ସହିଦଙ୍କୁ ସମ୍ମାନ ଜଣାଇ ଦିବସ ପାଳନ କରିବା ସହିତ ରାଷ୍ଟ୍ର ପ୍ରେମରେ ନିଜକୁ ଅନୁପ୍ରାଣୀତ କରି ସବୁଦିନ ନିଜର ଦୈନନ୍ଦିନ କାର୍ଯ୍ୟ ସହିତ ଅନ୍ୟ ପାଇଁ ଏବଂ ସମାଜ ପାଇଁ କିଛି ଜନହିତକର କାର୍ଯ୍ୟ କରିପାରିଲେ ତାହା ହିଁ ସହିଦଙ୍କ ଲାଗି ପ୍ରକୃତ ସମ୍ମାନ ହେବ ବୋଲି ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ମତବ୍ୟକ୍ତ କରିଥିଲେ। ପ୍ରଥମେ କାର୍ଗିଲ ଯୁଦ୍ଧରେ ଭଦ୍ରକ ଜିଲ୍ଲାରୁ ସହିଦ ହୋଇଥିବା ଦିବଂଗତ ନିରଞ୍ଜନ ବେହେରାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କ୍ୟାଣ୍ଡେଲ ଜଳାଇ ସମସ୍ତ କାର୍ଗିଲ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରୋଟାରିଆନ ପ୍ରୀତିରଞ୍ଜନ ଜେନା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଭାରେ ପୌରୋହିତ୍ୟ କରିଥିଲେ। ରୋଟାରିଆନ ଅତିଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇ ପ୍ରତିଟି ମଣିଷ ଜଣେ ଜଣେ ସୈନିକ ବୋଲି ନିଜକୁ ଭାବି ଦେଶମାତୃକା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ତତ୍ ସହିତ ମିଡ୍ ଟାଉନ କ୍ଲବର ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ପ୍ରଶଂସା କରି ପ୍ରତିବର୍ଷ ଏହି ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଓ ଦେଶାତ୍ମବୋଧକ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀ ଏବଂ ସ୍କୁଲମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ପ୍ରଫେସର ଅଟଳ ବିହାରୀ ନାୟକ, ପ୍ରାଧ୍ୟାପିକା ଡ. ପ୍ରଭାତ ନଳିନୀ ମହାପାତ୍ର, ଶଶଧର ମହନୀ, ନାଟ୍ୟନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଲଲାଟେନ୍ଦୁ ମହାନ୍ତି, ନାଟ୍ୟକାର ସୁଧାଂଶୁ ନାୟକ ଯୋଗ ଦେଇଥିଲେ।

## ଦୃଷ୍ଟାନ୍ତ ପାଲଟିଲା ବଳଭଦ୍ରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର



ଉଦଳା, ୨୬/୦୭ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ବଳଭଦ୍ରପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର କ୍ରମାଗତ ଭାବରେ ବିଗତ ୪ ବର୍ଷ ଧରି ବିଭିନ୍ନ ପ୍ରକାର ପ୍ରବେଶିକା ପରୀକ୍ଷା ମାନଙ୍କରେ ସଫଳତା ହାସଲ କରିଆସୁଅଛି। ସେଥିପାଇଁ ଉକ୍ତ ବିଦ୍ୟାଳୟର ପ୍ରଶଂସା ଏବେ ସବୁଠି ଶୁଣିବାକୁ ମିଳୁଛି। ସେହିପରି ଚଳିତ ୨୦୨୧/୨୦୨୨ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ମୋଟ ୪ ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୪ ଜଣ ଯାକ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଜବାହର ନବଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ କୁଣ୍ଡାବାଇ ଗ୍ରାମର ସୁରେଶ ଚନ୍ଦ୍ର ବାରିକ ଓ ମାତା ଜାନକୀଙ୍କ ପୁତ୍ର ଦେବାଶିଷ ମନୋନିତ ହୋଇଥିବା ବେଳେ ଏକଲବ୍ୟ ମଡ଼େଲ ବିଦ୍ୟାଳୟ ପାଇଁ ଗୋବିନ୍ଦପୁରର ବାସିନ୍ଦା ଲାଲମୋହନ ବିନ୍ଧାଣୀ ଓ ମାତା ରଞ୍ଜିତାଙ୍କ କନ୍ୟା ପାୟଲ ଏବଂ ଅଙ୍ଗାରପଡ଼ା ନିବାସି ସମାୟ ବେଶ୍ରା ଓ ବୁଧୁନିଙ୍କ କନ୍ୟା ବାସନ୍ତୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶେଷରେ ଭୁବନେଶ୍ୱର ସ୍ଥିତ କିସ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଙ୍ଗାରପଡ଼ା ନିବାସୀ ଲାଲମୋହନ ବେଶ୍ରା ଓ କୁନିମଣୀଙ୍କ କନ୍ୟା ପୁଷ୍ପଲତା ମନୋନିତ ହୋଇଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ବିଜୟ କୁମାର ମିଶ୍ର ଏଠାରେ କାର୍ଯ୍ୟରତ ଗୁରୁଜୀ/ଗୁରୁମାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଛାତ୍ର ଛାତ୍ରୀ ଅବିଭାବକ ମାନଙ୍କର ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ବୋଲି କହିଛନ୍ତି। ସରକାରୀ ବିଦ୍ୟାଳୟରୁ ମୋଟା ଅଙ୍କରେ ଦରମା ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସେହିଭଳି ନିଷ୍ଠାର ସହ ପାଠ ପଢ଼ାଉନଥିବାରୁ ଅବିଭାବକ ମାନେ ଘରୋଇ ବିଦ୍ୟାଳୟକୁ ଅଧିକ ପସନ୍ଦ କରୁଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି।

## କାରଗିଲ ସହିଦଙ୍କୁ ହେଲପିଙ୍ଗ ସୋସାଇଟିର ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୨୬/୦୭ (ନି.ପ୍ର): କାରଗିଲ ଯୁଦ୍ଧକୁ ୨୨ ବର୍ଷ ପୂର୍ତ୍ତି ଅବସରରେ ହେଲପିଙ୍ଗ ସୋସାଇଟି ପକ୍ଷରୁ ବିଜୟ ଦିବସ ପାଳନ ସହ ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସିନେମାଛକ ସ୍ଥିତ ଶହୀଦ ପାର୍କରେ ହେଲପିଙ୍ଗ ସୋସାଇଟି ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ସହିଦ ଯବାନଙ୍କୁ ମନେ ପକାଇଥିଲେ। ନିରବ ପ୍ରାର୍ଥନା ସହ ମହମବତୀ ଜାଳି ଦିବଂଗତ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଙ୍ଗଠନର ସଭାପତି ହ୍ରିତିକ ନାୟକ, ସମାଜସେବୀ ମନୋଜ ଆଚାର୍ଯ୍ୟ, ଉପ-ସଭାପତି ଶେଖ ନଜିମ, ଜୀବନ ସଂଗ୍ରାମ ମିଶ୍ର, ସାଧାରଣ ସମ୍ପାଦକ ଅରୂପ ସାହୁ, ଆଶିଷ ଆଶ, ରଜତ କୁମାର ଘଡ଼େଇ, ସୁମିତ ରଞ୍ଜନ କର, ଦିବ୍ୟରଞ୍ଜନ ଦାସ ପ୍ରମୁଖ ଏଥିରେ ଯୋଗଦେଇ ୧୯୯୯ ମସିହାରେ ଭାରତ-ପାକିସ୍ତାନ କାରଗିଲ ଯୁଦ୍ଧ ସମ୍ପର୍କରେ ଆଲୋକପାତ କରିଥିଲେ।

## ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ୪ ଦିନିଆ ଦିଲ୍ଲୀ ଗସ୍ତ ସାରି ଓଡିଶା ଫେରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ ଶନିବାର ଠାରୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇଥିଲେ। ଦିଲ୍ଲୀ ଗସ୍ତ କାଳରେ ଗତକାଲି ମୁଖ୍ୟମନ୍ତ୍ରୀ ନବ ନିର୍ବାଚିତ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇ ସେ ଖୁବ୍ ଖୁସି। ଜଣେ ଓଡ଼ିଆ ଝିଅ ଦେଶର ପ୍ରଥମ ନାଗରିକ ହୋଇଛନ୍ତି। ଏହା ପ୍ରତ୍ୟେକଟି ଓଡ଼ିଆ ପାଇଁ ଖୁବ ଗର୍ବ ଓ ଗୌରବର ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ବସ୍ତାରେ କାରଗିଲ ବିଜୟ ଦିବସ ପାଳିତ



ବସ୍ତା, ୨୬/୦୭ (ନି.ପ୍ର): ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୯୯ ମସିହାରେ ଲଦାଖର କାରଗିଲଠାରେ ହୋଇଥିବା ଯୁଦ୍ଧରେ ଭାରତୀୟ ସୈନ୍ୟଙ୍କ ବିଜୟ ସ୍ମାରକୀ 'କାରଗିଲ ବିଜୟ ଦିବସ 'ଆଜି ବସ୍ତାରେ ପାଳିତ ହୋଇଛି। ଏହି ଉପଲକ୍ଷେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହ ଶହୀଦବେଦୀରେ ପୁଷ୍ପାଞ୍ଜଳୀ ଦେବାସହ ବଳିଦାନ ଦେଇଥିବା ସୈନିକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ବାୟୁସେନା ଅଧିକାରୀ ପ୍ରଦୀପ ପରିଡ଼ା କାରଗିଲ ଯୁଦ୍ଧଭୁଇଁ ସମ୍ପର୍କରେ ବିବରଣୀ ଦେଇଥିଲେ। ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା ଭାରତୀୟ ସୈନ୍ୟଙ୍କ ପରାକ୍ରମୀ ଇତିହାସ ବର୍ଣନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଉପପ୍ରଧାନାଚାର୍ଯା। ରଞ୍ଜିତା ପାଢୀ। ପ୍ରଶାନ୍ତ ଗିରି, ଶରତ ପାତ୍ର, ଅଞ୍ଜନ ସାହୁ ଓ ପୁଷ୍ପଲତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲିଖିତ ପ୍ରତିଶ୍ରୁତି ପରେ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ଅନଶନ ହଟିଲା



ଜଳେଶ୍ୱର, ୨୬/୭(ନି.ପ୍ର): ଦୀର୍ଘବର୍ଷ ଧରି ଜଳେଶ୍ୱର ବ୍ଲକ ଅଂଚଳର ୪ଟି ପଂଚାୟତର ବର୍ଷାପାଣି ଓ ନାମ୍ପୋରୁ ବର୍ଷାପାଣି ନିଷ୍କାସନ ଲାଗି ବିଭିନ୍ନ ସମୟରେ ହୋଇ ଆସୁଥିବା ଆନ୍ଦୋଳନ ପୁଣି ଗତ ସୋମବାର ଆରମ୍ଭ ହୋଇଥିଲା। କିନ୍ତୁ ଆଜି ଦ୍ୱିପ୍ରହରରେ ପୁର୍ତ୍ତବିଭାଗ ଉଚ୍ଚକର୍ମକର୍ତ୍ତା ଅନଶନ ସ୍ଥାନକୁ ଆସି ଆନ୍ଦୋଳନକାରୀଙ୍କ ସହ ଦୀର୍ଘ ସମୟ ଆଲୋଚନା ଓ ଲିଖିତ ପ୍ରତିଶୃତି ପାଇବାପରେ ଦିନ ୨ଟାରେ ତାହା ପ୍ରତ୍ୟାହୃତ ହୋଇଛି। କିନ୍ତୁ ପ୍ରତିଶୃତି ଅନୁଯାୟୀ ଅଗଷ୍ଟ ୫ ତାରିଖ ସୁଦ୍ଧା ଜଳନିଷ୍କାସନ ଲାଗି କଂକ୍ରିଟ ରାସ୍ତାର କାର୍ଯ୍ୟ ଆରମ୍ଭ ନ ହେଲେ ୬ ତାରିଖଠାରୁ ପୁଣି ଆନ୍ଦୋଳନ ହେବ ବୋଲି ଆନ୍ଦୋଳନକାରମାନେ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି। ପୂର୍ବରୁ ଆନ୍ଦୋଳନ ସଂପର୍କରେ ବିଭିନ୍ନ କର୍ମକର୍ତ୍ତାଙ୍କୁ ଲିଖିତଭାବେ ଦର୍ଶାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଦୂରର କଥା, ବର୍ଷା ସମୟରେ ମଧ୍ୟ ଆନ୍ଦୋଳନକାରୀମାନେ ବସିବାକୁ ସ୍ଥାନ ନ ପାଇ ବର୍ଷାରେ ବସି ଭିଜିଥିଲେ। ପୁଣି ରାତିରେ ଅନଶନକାରୀମାନେ ଘନ ଅନ୍ଧାରରେ ସେମାନଙ୍କ ଆନ୍ଦୋଳନ ଅବ୍ୟାହତ ରଖିଥିଲେ। ଆନ୍ଦୋଳନକାରୀଙ୍କ ମଧ୍ୟରେ ଜଣେ ମହିଳା ନିର୍ବାଚିତ ପ୍ରତିନିଧି ଓ ୫ବର୍ଷର ପିଲାଟିଏ ଥିଲାବେଳେ ଜଳେଶ୍ୱର ତହସିଲଦାର ଆନ୍ଦୋଳନକାରୀଙ୍କ ସହିତ ୨ଥର କଥାବାର୍ତ୍ତା ହୋଇଥିଲେ ଓ ଜିଲାପାଳଙ୍କୁ ଜଣାଇଥିଲେ। ଆଜି ସକାଳେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ଆଲୋକ ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ସକାଳେ ହାଇକୋର୍ଟର ବରିଷ୍ଠ ଆଇନଜିବୀ ରାମଚନ୍ଦ୍ର ଜେନା, ଶରତ ପରିଡା, ଡ. ଅଜିତ୍ ମହାନ୍ତି, ସାମ୍ବାଦିକ ଅବନୀ ଚାନ୍ଦ ପ୍ରମୁଖ ଉଚ୍ଚ ପଦସ୍ଥ କର୍ମକର୍ତ୍ତଙ୍କ ସହ ଫୋନ୍‌ଯୋଗେ ବାରମ୍ବାର ଆଲୋଚନା କରିଥିଲେ। ଫଳରେ ଦିନ ୧୧ଟାରେ ଇଂ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୫ତାରିଖରେ ଠିକାଦାର ୨୫ ଲକ୍ଷ ଟଙ୍କା ବ୍ୟୟବରାଦରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ। ଅନଶନକାରୀଙ୍କୁ ସେ ଓଆର୍‌ଏସ୍ ପିଆଇ ଅନଶନ ଭଂଗ କରିଥିଲେ। ଅପରାହ୍ନରେ ଶ୍ରୀ ମହାନ୍ତି ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ପଣ୍ଡା, ଜେଇ ନିହାର ରଂଜନ ବେହେରା ଘଟଣାସ୍ଥଳକୁ ଯାଇ କାର୍ଯ୍ୟ ଶୁଭାରମ୍ଭ କରିଥିବା ଜଣାଯାଇଛି। ଏଥିରେ ନାମ୍ପୋ ଗାଁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ।

## ମାଳତୀ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାଳତୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ନାରୀନେତ୍ରୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ମହିଳା ସଶକ୍ତିକରଣ ପାଇଁ ନାରୀ ଶିକ୍ଷା ଓ ଅଧିକାର, ଭୂଦାନ ଓ ପ୍ରଜା ମଣ୍ଡଳ ଆନ୍ଦୋଳନ ସହ ସମାଜ ସେବା କ୍ଷେତ୍ରରେ ତାଙ୍କ ଅବଦାନ ଚିର ସ୍ମରଣୀୟ।

## ଆର.ଆଇ.ଙ୍କୁ ମାଡ଼ ମାରିବା ଘଟଣା : ପ୍ରଶାସନ ଜବତ କଲା ଟ୍ରାକ୍ଟର, କମ୍ପ୍ରେସର ମେସିନ, ଲୁହାରଡ଼ ଓ ବ୍ୟବହୃତ ପାଇପ

ନୀଳଗିରି, ୨୬/୦୭ (ନି.ପ୍ର): ଗତ ସୋମବାରଦିନ ସଜନାଗଡ଼ ଆର.ଆଇ. ସନ୍ତୋଷ ବେହେରା ତହସିଲଦାରଙ୍କ ନିର୍ଦ୍ଦେଶରେ ବାଘମରା ପଥର ଖାଦାନରେ ଚୋରାରେ ବ୍ଲାଷ୍ଟିଂ କରାଯାଇଥିବା ନେଇ ତଥ୍ୟ ସଂଗ୍ରହ ପାଇଁ ପଠାଇଥିଲେ। ଆର.ଆଇ. ସନ୍ତୋଷ ବେହେରା ଚୋରା ପଥର ଖାଦାନର ଫଟୋ ଓ ଭିଡିଓ ନେଇ ଅଫିସକୁ ଫେରୁଥିବା ବେଳେ ପୋଡ଼ାଶୁଳ ଅଂଚଳର ବିଶ୍ୱନାଥ ଦାସ ଓ ପୁଅ ବିଶ୍ୱଜିତ ଦାସ ଅଟକାଇ ସନ୍ତୋଷଙ୍କୁ ଧମକ ଚମକ ଦେବା ସହ ପିଟାମରା କରିଥିଲେ। ଏପରିକି ସନ୍ତୋଷର ମୋବାଇଲ ଓ ମନି ପର୍ସରେ ଥିବା ୪୨୦୦ ଟଙ୍କା ଛଡ଼ାଇ ନେଇଥିଲେ। ପରେ ଘଟଣା ବାବଦରେ ତହସିଲଦାର ଅଶେଷ କୁମାର ନାୟକଙ୍କୁ ଜଣାଇଲା ପରେ ଆର.ଆଇ. ସନ୍ତୋଷ ବେହେରା ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଏପଟେ ତହସିଲଦାର ଅଶେଷ କୁମାର ନାୟକ ଜଣେ ସରକାରୀ କର୍ମଚାରୀ ଡ୍ୟୁଟିରେ ଥିବା ବେଳେ ଅମାନୁଷିକ ଭାବେ ପିଟାମରା କରିବା ଘଟଣାରେ ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପଜିଲ୍ଲାପାଳ, ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର ଙ୍କୁ ଲିଖିତ ଭାବେ ଜଣାଇଥିବାର ଜଣାପଡ଼ିଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ମଙ୍ଗଳବାର ଦିନ ବିଶ୍ୱନାଥ ଦାସଙ୍କ ଘରେ ନୀଳଗିରି ତହସିଲଦାର, ନୀଳଗିରି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ପୋଲିସ ଫୋର୍ସ ଧରି ବ୍ୟବହୃତ ଟ୍ରାକ୍ଟର, ଜିପ୍, କଂପ୍ରେସର, ପାଇପ ବ୍ୟବହୃତ ଯନ୍ତ୍ରାଂଶ କୁ ଜବତ କରି ଥାନାକୁ ଅଣିଥିବା ଦେଖିବାକୁ ମିଳିଛି। ୨ଜଣଙ୍କୁ ତୁରନ୍ତ ଗିରଫ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଶୁଣିବାକୁ ମିଳିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo